ଶୁଭପଲ୍ଲବ

୧୪ଶ ସଂସ୍କରଣ



କେତେ ତା' ବିତିଛି ତନ୍ଦ୍ରା
ଆଖିରେ ସୁପ୍ତ ରାତି
କେତେ ସେ ଦେଖିଛି ଜାଗ୍ରତ
ଦିନ ସପନେ ଥାଇ
କେତେ ତା' ବୋହିଛି ଲାଲ
ଲହୁର ନିର୍ଝରଣୀ...
କେବେ ପୁଣି ଝରି ପିଇ
ଯାଇଛି ତା' ଶୁଷ୍କ ତଣ୍ଟି...
କେବେ ଥକିନାହିଁ ଚଳ
ଚଞ୍ଚଳ ପାଦ ଦୁଇଟି
ତା' ପାଦ ଦୁଇଟି....

୨୦୧୮ ନବବର୍ଷ ଦିନ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ ଓଡ଼ିଆ ଲୋକଙ୍କ ଦ୍ୱାରା ରଚିତ କିଛି ଗଳ୍ପ, ପ୍ରବନ୍ଧ ଏବଂ କବିତାକୁ ନେଇ ପ୍ରକାଶ ପାଇଥିଲା ଏହି ପତ୍ରିକାଟିର ପ୍ରଥମ ସଂସ୍କରଣ । ପରବର୍ତ୍ତୀ ସମୟରେ ଏହାର ନାମ "**ଶୁଭପଲ୍ଲବ**"କୁ ପରିବର୍ତ୍ତନ କରାଯାଇଥିଲା । ପତ୍ରିକାଟିର ପୁନଃନାମକରଣ କରିଥିଲେ **ପଣ୍ଡିତ ଶ୍ରୀଯୁକ୍ତ ଭାଗିରଥୀ ନନ୍ଦଶର୍ମା** ମହୋଦୟ । ପୂର୍ବ ୧୩ଟି ଯାକ ସଂସ୍କରଣର ଲେଖା ସହ ଏବେ ଆମେ ଆମର ୱେବ୍‌ସାଇଟ୍ ମଧ୍ୟ କାର୍ଯ୍ୟ କରୁଛି । ଏଥର ଅଧିକ ସଂଖ୍ୟକ ପାଠକ ଏବଂ ଲେଖକମାନଙ୍କ ସହ ଯୋଡ଼ି ହୋଇ ରହିବୁ ବୋଲି ଆମର ଆଶା ।

ପତ୍ରିକାରେ ପ୍ରକାଶ ପାଇଥିବା ଲେଖାଗୁଡ଼ିକ ମଧ୍ୟ ଶୁଣିବାପାଇଁ ୟୁ-ଟ୍ୟୁବ୍‌ରେ ଉପଲବ୍ଧ । ଏହାଛଡ଼ା ଆମର ୱେବ୍ ପୋର୍ଟାଲ୍ ଓଡ଼ିଆ ସମେତ ଇଂରାଜୀ, ସଂସ୍କୃତ, ହିନ୍ଦୀ, ପଞ୍ଜାବୀ, ତେଲୁଗୁ ଓ ବଙ୍ଗଳା ଭାଷାରେ ଉପଲବ୍ଧ, ଯେଉଁଥିରେ ବାହାର ଅନେକ ନୂଆ ନୂଆ ଲେଖକଲେଖିକା ଆମ ପରିବାର ସହ ଯୋଡ଼ିହେଲେଣି । ଏହି ବର୍ଷ ଆଗକୁ ଆହରି ବଢ଼ିବାର ଆଶା ରଖିଛୁ ।

ଶୁଭପଲ୍ଲବ ଏବେ ତ୍ରୟମାସିକ ପତ୍ରିକାରୁ ମାସିକ ପତ୍ରିକା ଭାବରେ ପ୍ରକାଶ ପାଉଛି । ଏହି ସଂସ୍କରଣ ଭଳି ଆଗାମୀ ସଂସ୍କରଣରେ ସମ୍ପାଦକ **ତାପସ ରଞ୍ଜନ**ଙ୍କ ଦ୍ୱାରା ଓଡ଼ିଶା ତଥା ଉତ୍କଳ ଦିବସ ଉପରେ କେବଳ କିଛି ବଛାଲେଖା ପ୍ରକାଶ କରାଯିବ ଏବଂ ଅନ୍ୟାନ୍ୟ ଲେଖାଗୁଡ଼ିକୁ ଆମର ୱେବ୍‌ସାଇଟ୍‌ରେ ପ୍ରକାଶ କରାଯିବ । ପ୍ରତ୍ୟେକ ମାସର **୧ ତାରିଖରେ ପତ୍ରିକା ପ୍ରକାଶ ପାଇବ** ଏବଂ **୧୦ ତାରିଖ ମଧ୍ୟରେ ଆସନ୍ତା ମାସ ପାଇଁ ଲେଖା ଗ୍ରହଣ କରାଯିବ** ।

ଏହି ପତ୍ରିକାଟି ଇ-ପତ୍ରିକା ହୋଇଥିବାରୁ ଏହାକୁ ପଢ଼ିବାକୁ କୌଣସି ମୂଲ୍ୟ ଲାଗିବ ନାହିଁ ଏବଂ ଲେଖକମାନଙ୍କୁ କୌଣସି ମୂଲ୍ୟ ପ୍ରଦାନ କରାଯାଇନାହିଁ । ପତ୍ରିକାର ଲେଖାଗୁଡ଼ିକ ଇ-ମେଲ ମାଧ୍ୟମରେ ଗ୍ରହଣ କରାଯାଇଛି । ପତ୍ରିକାରେ ସ୍ଥାନିତ ଲେଖାଗୁଡ଼ିକର ଉତ୍ତରଦାୟୀ ଲେଖକମାନେ ନିଜେ ଏବଂ ପ୍ରକାଶିତ ସମସ୍ତ ଲେଖାର ସତ୍ତ୍ୱାଧିକାର କେବଳ ଲେଖକମାନଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃ-ପ୍ରକାଶନ ପାଇଁ ଲେଖକମାନଙ୍କର ଅନୁମତି ନିତ୍ୟାନ୍ତ ଆବଶ୍ୟକ ।

ଶୁଭପଲ୍ଲବ



ସଂଗ୍ରାମ କେଶରୀ ସେନାପତି

(ସମ୍ପାଦକ)



ତାପସ ରଞ୍ଜନ

(ସମ୍ପାଦକ)

ସମ୍ବିତ ଦାସ

(ଅଳଂକରଣ)

ବିଶେଷ ଘୋଷଣା

ବିଗତ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ଶୁଭପଲ୍ଲବ ଦ୍ୱାରା ଏକ ଗଳ୍ପ ଲିଖନ ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା । ଯେଉଁଥିରେ ବିଭିନ୍ନ ଲେଖକମାନଙ୍କ ଦ୍ୱାରା ଆମ ପାଖକୁ ୩୦ରୁ ଅଧିକ ଗଳ୍ପ ଆସିଥିଲା । ତନ୍ମଧ୍ୟରୁ ୩ ଗୋଟି ଶ୍ରେଷ୍ଠ ଗଳ୍ପ ବାଛିବାକୁ ଥିଲା, କିନ୍ତୁ ଗଳ୍ପଗୁଡ଼ିକର ମାନ ଏତେ ଉନ୍ନତ ଥିଲା ଯେ, ଚୟନକର୍ତ୍ତା ତଥା ପତ୍ରିକାର ବରିଷ୍ଠ ଯୁବ ସମ୍ପାଦକ ତାପସ ରଞ୍ଜନ କେବଳ ତିନୋଟି ଲେଖା ବାଛି ପାରିଲେ ନାହିଁ, ତେଣୁ ୭ଟି ଲେଖା ବଛାଗଲା । ସେଗୁଡ଼ିକ ହେଲା;

୧. **ପାସପୋର୍ଟ ସାଇଜ୍ ଫଟୋ** - ଡ. ଜୟପ୍ରକାଶ ପରିଡ଼ାଙ୍କ ରଚନାରୁ
୨. **ପାରିଜାତ** - ଆଭା ପ୍ରଧାନଙ୍କ ରଚନାରୁ
୩. **କଳାଜାଇ** - ସ୍ୱରୂପ କୁମାର ନାୟକଙ୍କ ରଚନାରୁ
୪. **ପଣା** - ସତ୍ୟବ୍ରତ ପରିଡ଼ାଙ୍କ ରଚନାରୁ
୫. **ଅଦିନିଆ ବର୍ଷା** - ସୋନାଲି ସୁଚରିତାଙ୍କ ରଚନାରୁ
୬. **କରୁଣା** - ଡ. ଶ୍ରଦ୍ଧାଞ୍ଜଳୀ ପଣ୍ଡାଙ୍କ ରଚନାରୁ
୭. **ଥ୍ୟାଙ୍କ୍ୟୁ କାର୍ଡ୍** - ସୌମ୍ୟାଶ୍ରୀ ତ୍ରିପାଠୀଙ୍କ ରଚନାରୁ

ବି.ଦ୍ର.: ଏହି ଲେଖାଗୁଡ଼ିକ ପତ୍ରିକାରେ ପ୍ରକାଶ ପାଇଛି ଏବଂ ଅନ୍ୟ ଲେଖାଗୁଡ଼ିକ ଶୁଭପଲ୍ଲବର ୱେବ୍ ପୋର୍ଟାଲ୍‌ରେ ପ୍ରକାଶ ପାଇବ ।

ସୂଚୀପତ୍ର

କ୍ର. ସଂ.	ବିଷୟ	ଲେଖକ/ଲେଖିକା	ପୃଷ୍ଠା
୧	ସମ୍ପାଦକୀୟ...	ତାପସ ରଞ୍ଜନ	୭
୨	ଶୁଭପଲ୍ଲବ	ଦେବବ୍ରତ ଦାଶ	୯
୩	ଥାଙ୍କ ୟୁ କାର୍ଡ଼	ସୌମ୍ୟାଶ୍ରୀ ତ୍ରିପାଠୀ	୧୦
୪	କୋରନା	ଅମୃତାଂଶୁ ପଣ୍ଡା	୧୨
୫	ହେ ପ୍ରଭୁ କଳା ଠାକୁର	ସୁଧାଂଶୁ ଶେଖର ପାତ୍ର	୧୩
୬	କରୁଣା	ଡ. ଶ୍ରଦ୍ଧାଞ୍ଜଳୀ ପଣ୍ଡା	୧୪
୭	ଗରବେ କହିବି ଓଡ଼ିଆ ପୁଅ ମୁଁ	ତପନ ଦୀକ୍ଷିତ	୨୫
୮	ନିର୍ବାସିତା	ସୋନାଲି ସୁଚରିତା	୨୬
୯	ମହାରାଜା କୃଷ୍ଣଚନ୍ଦ୍ର ଗଜପତି	ବିଷ୍ଣୁମୋହନ ଅଧିକାରୀ	୨୯
୧୦	ହାଏରେ ଠାକୁର	ଡ. ସଚିନ ଷଡ଼ଙ୍ଗୀ	୩୫
୧୧	ଅଙ୍କା ବାଙ୍କା ନଈ	ପ୍ରୀତିରଞ୍ଜନ ନାୟକ	୩୭
୧୨	ଭଗବାନ ତମେ ବି ଭୁଲ	ସୁଶ୍ରୀ ସଂଗୀତା ପ୍ରିୟଦର୍ଶିନୀ	୩୮
୧୩	ମୁଁ ଯେ ଅଭିନୟ କରୁଥିଲି	ଶୁଭଙ୍କର ଶତପଥୀ	୪୨
୧୪	ପ୍ରେମ ପଣତ ତଳେ	ଆଶୁତୋଷ ମେହେର	୪୪
୧୫	ଅବାସ୍ତବ କବିତା	ହୃଷିକେଶ ସ୍ୱାଇଁ	୪୫
୧୬	କଳାଜାଇ	ସ୍ୱରୂପ କୁମାର ନାୟକ	୪୬
୧୭	ତୁମ ବିନା	ଦେବବ୍ରତ ବାରିକ	୫୨
୧୮	ପାରିଜାତ	ଆଭା ପ୍ରଧାନ	୫୩
୧୯	ତମ ଭାବନାରେ	ପୂର୍ଣ୍ଣିମା ଲେଙ୍କା	୬୦

୨୦	ପାସ୍ପୋର୍ଟ୍ ସାଇଜ୍ ଫଟୋ	ଡ. ଜୟପ୍ରକାଶ ପରିଡ଼ା	୬୨
୨୧	ତାଳପଦେଶ୍ୱରୀ	ବିଶ୍ୱଜ୍ୟୋତି ମହାନ୍ତି	୬୩
୨୨	ପଣା	ସତ୍ୟବ୍ରତ ପରିଡ଼ା	୬୫
୨୩	ମାଣ୍ଡିଆ ଜାଉ	ସୀତୟା ଭୋଇ	୭୦
୨୪	କିଛି ଅନୁଭୂତି ସୁଇଜରଲାଣ୍ଡରୁ	ଡ. ଶାନ୍ତିପ୍ରିୟ ପରିଡ଼ା	୭୨

ସମ୍ପାଦକୀୟ...

ପାହାନ୍ତି ପହରୁ ଚଳଚଞ୍ଚଳ ଦେଖିଛ କି ତୁମେ କାରେ
ବର୍ଷା କାକର ଖାତିରି ନକରି ହୋଇଥାଏ ଏକାକାରେ
ହସାଇ ଦେବାକୁ ଶୁଷ୍କ ଭୂମିରେ ସବୁଜିମାର ଢେଉ
ପାଣି ଫଟାଇ ରକତ ନିଗାଡ଼େ କଷଣ ଯେତେ ସେ ପାଉ
କେବେ ଥକେ ନାହିଁ ଦୁଇ ହାତ ତା'ର ଜଗତର ହିତ ପାଇଁ...
ଶ୍ରମିକ ଭାଇ... ସେ ପରା ଆମ ଶ୍ରମିକ ଭାଇ...


କେତେ ତା' ବିତିଛି ତନ୍ଦ୍ରା ଆଖିରେ ସୁପ୍ତ ରାତି
କେତେ ସେ ଦେଖିଛି ଜାଗ୍ରତ ଦିନ ସପନେ ଥାଇ
କେତେ ତା' ବୋହିଛି ଲାଲ ଲହୁର ନିର୍ଝରଣୀ
କେବେ ପୁଣି ଝରି ପିଇ ଯାଇଛି ତା' ଶୁଷ୍କ ତଣ୍ଟି
କେବେ ଥକିନାହିଁ ଚଳ ଚଞ୍ଚଳ ପାଦ ଦୁଇଟି... ତା ପାଦ ଦୁଇଟି...

ସପନ ବଦଳେ ଅନ୍ୟ ଆଖିରେ ଯେ ସପନ ବୋଳେ
ଦେଶ ଜାତିର ମାନପାଇଁ ସେ ନିଜକୁ ଜାଳେ
କ୍ଷେତ ଖଲିହାନ କଳ କାରଖାନା ତା'ରି ପାଇଁ
ହୋଇ ଉଠନ୍ତି ଚଳ ଚଞ୍ଚଳ ତା' ପରଶ ପାଇ
ପେଟ କାଟି ଯିଏ ଅନ୍ୟ ପେଟରେ ଆହାର ଭରେ
ଶ୍ରମିକ ଭାଇ.... ସେ ପରା ଆମର ଶ୍ରମିକ ଭାଇ...

ଆଜି ଯଦି ଏହି ବିପତ୍ତି ବେଳରେ ତା' ପେଟ ଜଳେ
ଭୋକ ଉପାସରେ ଚୁଲି ଲିଭିଯାଏ ଆଖିର ଜଳେ
ବସିବା କି ଆମେ ନିରବେ ଚାହିଁ ଚୁପ ହୋଇ?
ହାତ ଧରି କ'ଣ ନେଇ ପାରିବାନି ଆଗକୁ ବାହି?
ତା' ଛୁଆ ଓଠରେ ହସ ଫୁଟିଯିବ ଆମରି ପାଇଁ,
ଦେଶ ନିର୍ମାତା ସେ ଅଣ୍ଟା ସଳଖିବ ନଇଁବ ନାହିଁ
ପୁଣି ହସିବ ଏ ଧରଣୀ ବୁକୁ ତା' ହାତର ନୂଆ ପରଶ ପାଇ
ଶ୍ରମିକ ଭାଇ... ସେ ପରା ଆମ ଶ୍ରମିକ ଭାଇ....

ଅସମୟରେ ଆମକୁ ଛାଡ଼ି ଚାଲିଯାଇଥିବା ସିନେ ଜଗତରେ ଦୁଇ ଉଜ୍ଜ୍ୱଳ ତାରକା, ଇର୍ଫାନ ଖାନ୍ ଓ ଋଷି କପୂରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ।

ଶ୍ରମିକ ଦିବସରେ, ଦେଶ ନିର୍ମାଣର ଅନନ୍ୟ ବିନ୍ଧାଣିମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ସହ, ଜୟ ଜଗନ୍ନାଥ !!!






ଶୁଭପଲ୍ଲବ

ଦେବବ୍ରତ ଦାଶ

ବଣମଲ୍ଲୀ ବଣେ ଫୁଟି,
ପଡୁଥିଲା ଝଡ଼
ଅସୁମାରୀ ସ୍ୱପ୍ନ ହାତେ,
ଦେଇ ସେ କବରୀ
ବାସଥିଲା ନ ଥିଲା ତ,
ତା' ବାସର ମୂଲ
ମୂଲ ବୁଝି ମାଳି ସାଜି,
ଯିଏ କରିନେଲା କୋଳ
ମନରେ ଆଶା ସଞ୍ଚାରି,
ମଳୟ ପରଶେ ଭରି
ଚତୁର୍ଦ୍ଦିଗେ ଖେଳାଇଲା,
ନୂଆ ଏକ ପଲ୍ଲବ...
ଶୁଭପଲ୍ଲବ ସେ ଶୁଭପଲ୍ଲବ...

ଫଗୁଣଟା ସତେ,
ଲାଗୁଥିଲା ରଙ୍ଗହୀନ
ଫୁଲ ଲାଗୁଥିଲା ଫିକା
ପଡ଼ିଥିଲା ମଳିନ
ଶୁଭୁ ତ ନଥିଲା ଟିକେ,
କୋଇଲିର କୁହୁ
ଝରା ବଉଳର ବାସେ,
ଝରୁ ତ ନଥିଲା ମହୁ
ଚଇତି ବାଆ ହୋଇ କି ଆହା
ବିଛୁରି ଯେ ଦେଲା, ଫୁଲରେ
ଫୁଲରେ ତା'ର ପ୍ରାଣବଲ୍ଲଭ...
ଶୁଭପଲ୍ଲବ ସେ ଶୁଭପଲ୍ଲବ...
ସେ ଶୁଭପଲ୍ଲବ...



ଥାଙ୍କ ୟୁ କାର୍ଡ଼

ସୌମ୍ୟାଶ୍ରୀ ତ୍ରିପାଠୀ

ବାପା ଶବ୍ଦଟି ଶୁଣିବା କ୍ଷଣି ମନକୁ ଆସିଯାଏ ଏକ ଶକ୍ତ, କଠୋର ମଣିଷର ପ୍ରତିଛବି । ହେଲେ ବାପା ପରା ସେ ହୋଇଥାନ୍ତି ଯିଏ ଛୁଆଟିକୁ ସପନ ଦେଖେଇବା ଶିଖାନ୍ତି । ଲୁହ ପିଇ ହସିବା ଶିଖାନ୍ତି । ପିଲାଟିର ସବୁ ଅଳିକୁ ସହି, ନିଜର ସବୁ ସ୍ୱପ୍ନକୁ ଆଖିରେ ମାରି ନିଜ ସନ୍ତାନର ସବୁ ସ୍ୱପ୍ନକୁ ପୂରା କରନ୍ତି । ବାହାରୁ ଯେତେ କଠୋର ହେଲେ ମଧ୍ୟ ଭିତରେ ଏକ ସରଳ, ପ୍ରେମ ଭରା ହୃଦୟରେ ସବୁବେଳେ ନିଜ ଛୁଆମାନଙ୍କର ଆଦର କରନ୍ତି । ତେଣୁ ତ ଆକାଶଠାରୁ ଲମ୍ବା ପୃଥିବୀ ଠାରୁ ବଡ଼ ମନ ଯାହାର ସିଏ ବାପା । ବୋଧେ ସେହି କାରଣରୁ ସବୁ ଛୁଆଙ୍କର ଆଦର୍ଶ ତାଙ୍କ ବାପା ହୋଇଥାନ୍ତି । ସେମିତି ପିଣ୍ଟୁ ଆଉ ଚିଙ୍କୁର ଆଦର୍ଶ ହେଉଛନ୍ତି ତାଙ୍କ ବାପା ।

ପିଣ୍ଟୁ ଆଉ ଚିଙ୍କୁ ଦୁହେଁ ଭାରି ସାଙ୍ଗ । ଦୁହିଁଙ୍କର ପ୍ରାୟ ସମସ୍ତ ଗୁଣ ସମାନ । ସେହିପରି ଦୁହିଁଙ୍କର ଆଦର୍ଶ ହେଉଛନ୍ତି ତାଙ୍କର ବାପା । ଚିଙ୍କୁର ବାପା ହେଉଛନ୍ତି ପୂର୍ବତନ ସେନାବାହିନୀ ଅଫିସର । ଚିଙ୍କୁ ଯେତେବେଳେ ଛୋଟ ଥିଲା ସେବେ ତା ବାପା ଶତ୍ରୁଙ୍କ ବିରୁଦ୍ଧରେ ଯୁଦ୍ଧ କରି ଦେଶ ପାଇଁ ବଳିଦାନ ଦେଇ ପ୍ରାଣତ୍ୟାଗ କରିଥିଲେ । ଚିଙ୍କୁକୁ ନିଜର ବାପା ଛେଉଣ୍ଡ ହେବାର ଦୁଃଖ ନାହିଁ ବରଂ ସେ ନିଜ ବାପାଙ୍କ ବୀରତ୍ୱର ପ୍ରଶଂସା କରେ ଓ ତାଙ୍କ ଭଳି ଦେଶ ସେବା କରିବ ବୋଲି କୁହେ ।

ପିଣ୍ଟୁର ବାପା ହେଉଛନ୍ତି ଏକ ଡାକ୍ତର । ଡାକ୍ତର ହେଇଥିବାରୁ ପିଣ୍ଟୁ ବାପାଙ୍କର ମଧ୍ୟ ବହୁତ ମାନ ସମ୍ମାନ ରହିଛି । ସେ ମଧ୍ୟ ରୋଗୀଙ୍କୁ ଭଲ କରି ଦେଶ ସେବା କରନ୍ତି ହେଲେ ପଇସାଖୋର କହି ଲୋକେ ସେଇ ସମ୍ମାନରେ ଏକ କଳା ଦାଗ ଲଗେଇ ଦିଅନ୍ତି । ତେଣୁ ଚିଙ୍କୁ ଭଳି ପିଣ୍ଟୁ ତା' ବାପାଙ୍କୁ ନେଇ ସେତେଟା ଗର୍ବକରି କହିପାରେନି । ତେବେ ଏବେ କ'ଣ ପିଣ୍ଟୁର ମାମା କହୁଥିଲେ ତା' ପାପା କୁଆଡ଼େ ଦେଶ ସେବା କରିବାକୁ ଯାଇଛନ୍ତି ।

କିଛି ଦିନ ହେଲା ପିଣ୍ଟୁ ତା' ପାପାଙ୍କୁ ଦେଖିନି । ସେ ଦିନ ପିଣ୍ଟୁ ତା' ମାମାକୁ ପଚାରିଲା ପାପା ବିଷୟରେ । ମାମା କହିଲେ, ତା' ପାପା ଯାଇଛନ୍ତି ଦେଶର କୋରୋନା ଭୂତାଣୁ ବିରୁଦ୍ଧରେ ଯୁଦ୍ଧରେ ସାହାଯ୍ୟ କରିବା ପାଇଁ । ପିଣ୍ଟୁ ଆଶ୍ଚର୍ଯ୍ୟ ହୋଇ ପଚାରିଲା ତା' ମାମାକୁ, "ମାମା, କୋରୋନା ଯୁଦ୍ଧ କ'ଣ? କ'ଣ ହବ ସେ ଯୁଦ୍ଧରେ? କୋରୋନା ଭୂତାଣୁ କ'ଣ? ଆଉ ପାପା କେବେ ଆସିବେ?" ଏପରି ଅସରନ୍ତି ପ୍ରଶ୍ନର ପାହାଡ଼ରେ ପୋତି ଦେଲା ପିଣ୍ଟୁ ତା' ମାମାକୁ । ଧୀରେ ଧୀରେ ମାମା, ପିଣ୍ଟୁକୁ କୋରୋନା ଭୂତାଣୁ ତଥା ତାହାର ପ୍ରଭାବ ବିଷୟରେ ବୁଝେଇଲେ ଆଉ ତା' ପାପା କିପରି ଏହି ଯୁଦ୍ଧରେ ଆଗ ଧାଡ଼ିର ଯୋଦ୍ଧା ହୋଇ ଯୁଦ୍ଧ କରି କୋରୋନା ଭୂତାଣୁ ଆକ୍ରାନ୍ତ ରୋଗୀଙ୍କୁ ଠିକ କରୁଛନ୍ତି ସେ ବିଷୟରେ ମଧ୍ୟ ବୁଝେଇଲେ । ଆଉ ସେମାନେ କିପରି ଘରେ ରହି ପରୋକ୍ଷ ଭାବେ ତା' ପାପାଙ୍କୁ ଏହି ଯୁଦ୍ଧରେ ସାହାଯ୍ୟ କରୁଛନ୍ତି ବୁଝେଇଲେ ।

ଏବେ ପିଣ୍ଟୁର ମନ ବହୁତ ଖୁସି । ସ୍କୁଲ ଖୋଲିଲେ, ସେ ମଧ୍ୟ ଏବେ ତା' ସାଙ୍ଗମାନଙ୍କୁ କହିପାରିବ ଯେ କିପରି ତା' ପାପା ଦେଶ ପାଇଁ ଯୁଦ୍ଧ କରୁଥିଲେ । ଛୋଟିଆ ମନରେ ପିଣ୍ଟୁ ଭାବିଲା, ସେ ତା' ପାପାଙ୍କ ବୀରତ୍ୱ ପାଇଁ ତାଙ୍କୁ କିଛି ଗୋଟେ ଉପହାର ଦେବ । ସେଇଥିପାଇଁ ସେ ଛୋଟିଆ ଥାଙ୍କ ୟୁ କାର୍ଡ଼ଟେ ତିଆରି କରିବା ଆରମ୍ଭ କରିଦେଲା । ପ୍ରତିଦିନ ତା' ମାମାଙ୍କୁ ପଚାରୁଥାଏ ଯେ, ତା' ପାପା କେବେ ଆସିବେ ।

ଦିନେ ହଠାତ୍ ଫୋନ ଆସିଲା, ଆଉ ସେ ଫୋନଟି ପରେ ପିଣ୍ଟୁର ମାମାଙ୍କ ଧର୍ଯ୍ୟର ସୀମା ରହିଲା ନାହିଁ । ପିଣ୍ଟୁ ପଚାରିବାରୁ ସେ କିଛି କହିପାରିନଥିଲେ, ବାସ ଏତିକି

କହିଥିଲେ, "ତୋ' ପାପା ଦେଶ ପାଇଁ ଯୁଦ୍ଧ କରି ସହିଦ ହୋଇଗଲେ ।" ତା'ପରେ ନିଜ ଆଖିର ଲୁହ ଆଉ ମନର କୋହକୁ ସମ୍ଭାଳି ପାରିନଥିଲେ ପିଣ୍ଟୁର ମାମା । ଛୋଟିଆ ପିଲା ହେଲେ ବି ପିଣ୍ଟୁ ବୁଝିପାରିଥିଲା ସବୁ କିଛି, ହେଲେ ଦୁଃଖ କରିନଥିଲା କେବଳ ନିଜେ ତିଆରି କରିଥିବା କାର୍ଡ଼ଟିକୁ ଲୁହ ଭରା ଆଖିରେ ଦେଖି ଚାଲିଥିଲା ।

କୋରନା

(ଶୁଭପଲ୍ଲବର ୱେବ୍ ପୋର୍ଟାଲ୍‌ରୁ...)

ଗାଆଁରୁ ବାହାନା ନେଇକି ବାହାରି ଯାଇଥିବା ଅମିତକୁ ଲିପି ପଚାରିଲା, “ଏବେ ତ ସବୁ ବନ୍ଦ ହେଇ ପଡ଼ିଛି । କିଟ୍ ଆଣିବାକୁ କେତେ ଦିନ ଲାଗିବ ଯେ? ମୋତେ ବହୁତ ଭୟ ଲାଗୁଛି ।”

ଓହୋ ! ମୁ କ'ଣ ହାତ ଯୋଡ଼ିକି ଘରେ ବସିଛି କି? ଜାଣି ପାରୁନ? ଲକ୍ ଡାଉନ୍ ଚାଲିଛି ପରା? ଅମିତର ଚଢ଼ା ଗଳାର ଉତ୍ତରଟା ଲିପିକୁ ଟିକେ କେମିତି ଅଡୁଆ ଲାଗିଲା । ଦୂରଭାଷକୁ ରଖି ରଖି ମନରେ ଭାବୁଥିଲା କାହିଁକି କେଜାଣି ଭୁଲ୍ ହେଇଗଲା ତା' ଦେଇ ।

ସକାଳୁ ଉଠି ପୁଣି ଆଉଥରେ ଅମିତକୁ ରିଂ କଲା ସେ? କୋଭିଡ୍ ସଚେତନତା ପରେପରେ ଅମିତର ସ୍ୱର ଶୁଣିବାକୁ କାନଟାରେ ଭଲକି ଫୋନକୁ ଲଗେଇକି ରଖିଲା ଯେମିତି କେହି ନ ଶୁଣିପାରିବେ, ହେଲେ ଉତ୍ତର ଆସୁଥାଏ “ନମ୍ବର ଟି ବନ୍ଦ ଅଛି ।”

ଆଜି ଲିପିର ବାପା ଆସି ଲିପି ବୋଉକୁ କହିଲେ, ଶୁଣୁଛ ଆମ ଝିଅର ପୋଷ୍ଟ ମର୍ଟମ୍ ପର ଟେଷ୍ଟରେ କୋରନା ନେଗେଟିଭ ଆସିଛି । ପଡ଼ିଶା ଘରକୁ କହିଦେବ ଆଉ ସନ୍ଦେହ କରିବେନି ।

(ହେଲେ ଲିପି ଜାଣିଥିଲା କୋଉଟା ପଜିଟିଭ ଆସିବାର ଅଛି । ଆଉ ସେଇଟା ଶୁଣିବାକୁ ଧୈର୍ଯ୍ୟ ନଥିଲା ଲିପି ପାଖେ ।)

– ଅମୃତାଂଶୁ ପଣ୍ଡା



ହେ ପ୍ରଭୁ କଳା ଠାକୁର

ସୁଧାଂଶୁ ଶେଖର ପାତ୍ର

ହେ ପ୍ରଭୁ କଳା ଠାକୁର ବ୍ରହ୍ମାଣ୍ଡ ଗୋସାଇଁ
ତମ ଆଖିରେ ଅଲୋଡ଼ା ହେଲି କାହିଁ ପାଇଁ?

ଆଜନମ ଦୁଖୀ ହୋଇ ଲୁହରେ ଭାସୁଛି
ମରଣ ହେଉନି କିଆଁ ସେ କଥା ଭାବୁଛି ।

ନିନ୍ଦା-ଗାଳି-ବାଦ-ଅପବାଦ ପୁଞ୍ଜି କରି
ଏତେବଡ଼ ଦୁନିଆରେ ଚାଲିବି କିପରି?

ଯୁଆଡ଼େ ଦେଖୁଛି ମୁହିଁ ସେଆଡ଼େ ଅନ୍ଧାର
କିଏ ତ ପାଖରେ ନାହିଁ ହେବାକୁ ନିଜର ।

ମନ ଅଶାନ୍ତ ପସରା ହୃଦୟ ଜଳଇ
ଉଦ୍ଧାରି ଧର ସାଆନ୍ତେ ଶରଣ ପଶଇ ।



କରୁଣା

ଡ. ଶ୍ରଦ୍ଧାଞ୍ଜଳି ପଣ୍ଡା

ହଠାତ୍ ଆଲାର୍ମ ଶବ୍ଦରେ ନିଦ ଭାଙ୍ଗିଗଲା ଅବିନାଶଙ୍କର । ଏକ ଉଦାସ ବିରକ୍ତି ଆଚ୍ଛନ୍ନ କରିଦେଲା ସମଗ୍ର ମନ ପ୍ରାଣ । କେତେ ସୁନ୍ଦର ଦୁନିଆରେ ଥିଲେ ସେ । ତନ୍ଦ୍ରାଚ୍ଛନ୍ନ ଅବସ୍ଥାରୁ ବାହାରି ଆସିଲେ ସେ । ବିଛଣାରୁ ଧୀରେ ଉଠି ବସିଲେ ଓ ଆଉଥରେ ମନେ ପକେଇବାକୁ ଚେଷ୍ଟା କଲେ ସ୍ୱପ୍ନଟା । ଧେତ୍ ଏ ଆଲାର୍ମଟା ସବୁ ବିଗାଡ଼ି ଦେଲା । ଖାଲି ମନେ ପଡୁଛି ବୋଉ ଭାତ, କ୍ଷୀର ଓ ଆଳୁଭର୍ତ୍ତା ଚକଟି ବଡ଼ ବଡ଼ ଗୁଳା କରି ଖୋଇ ଦେଉଥିଲା ଓ ସେ ନିରୂପାୟ ହେଇ ଖାଇ ଚାଲିଥିଲେ । ଯେତେ ମନା କଲେ ବି ବୋଉ ଶୁଣୁ ନଥିଲା, ଶେଷରେ ସେ ଅଣନିଶ୍ୱାସୀ ହୋଇଯିବା ପର୍ଯ୍ୟନ୍ତ । ନିଶ୍ୱାସ ବନ୍ଦ ହେବା ଆଗରୁ ଆଲାର୍ମ ବାଜି ତାଙ୍କୁ ବଞ୍ଚେଇଦେଲା ଓ ରଙ୍ଗୀନ ସ୍ୱପ୍ନର ଦୁନିଆରୁ ବିଷର୍ଣ୍ଣ ବାସ୍ତବତାକୁ ନେଇ ଆସିଲା ।

କାଶଟା ଅହେତୁକ ଭାବରେ ବଢ଼ିଚାଲିଥିଲା । ଟିକେ ପାଣି ପିଇ ନିଜକୁ ସାଷ୍ଟାଙ୍ଗ କରାଇଲେ । ଆଉଥରେ ଚେଷ୍ଟା କଲେ ମନେ ପକେଇବାକୁ ସ୍ୱପ୍ନଟା । କିଛି ଗୋଟେ ପୁଲକପ୍ରଦ ଅନୁଭୂତି ନିଶ୍ଚିତ ଥିଲା । କିନ୍ତୁ ସେଇଟା ଏବେ ମନେ ପଡୁନି । ଖାଲି ସେ

ଭାତ, କ୍ଷୀର, ଆଳୁଭର୍ତ୍ତା ହିଁ ମନେପଡୁଛି । ଦୀର୍ଘ ଅଠତିରିଶ ବର୍ଷ ପରେ ବି ଭାତ, କ୍ଷୀର, ଆଳୁଭର୍ତ୍ତା ତାଙ୍କ ପିଛା ଛାଡୁନି । ମନେ ମନେ ହସିଲେ ସେ ।

କଟକ ସହରରେ ଜନ୍ମ ତାଙ୍କର । ଚାରି ଭଉଣୀରେ ଏକମାତ୍ର ଭାଇ ସେ । ବାପା, ବୋଉ, ଜେଜେବାପା, ଜେଜେମା ମିଶାଇ ନ' ପ୍ରାଣୀ ପରିବାରରେ । ଦିନରାତି ମିଶି ମଧ୍ୟ ବୋଉକୁ ସମୟ ଅଣ୍ଟୁନଥିଲା । ଘରର କାମ ସାରିବାକୁ ଓ ପିଲାମାନଙ୍କ ଯତ୍ନ ନେବାକୁ । ସେସବୁ ମଧ୍ୟରେ ପୁଣି ଦିନ ଦଶଟା ସୁଦ୍ଧା ରୋଷେଇ ସାରିବାକୁ ପଡ଼େ ତାକୁ । ସମୟ ଅଭାବରୁ ଅଧିକାଂଶ ଦିନ ଘରେ ଭାତ, କ୍ଷୀର, ଆଳୁଭର୍ତ୍ତା ହିଁ ହୁଏ । ତାକୁ ହିଁ ଖାଇ ବାପା ଅଫିସ ଓ ପିଲାମାନେ ସ୍କୁଲ ଯାଆନ୍ତି ।

ପିଲାମାନଙ୍କ ଭିତରେ ସବୁଠାରୁ ସାନ ଅବିନାଶ । ତାଙ୍କୁ ରୁଚେନା ଏ ଖାଦ୍ୟ । ଅଧିକାଂଶ ଦିନ ଛୋଟିଆ ମୋଟିଆ ମହାଭାରତ ଯୁଦ୍ଧ ଲଗେଇ ଦିଅନ୍ତି ସେ ଏ ଖାଇବାକୁ ନେଇ । କିନ୍ତୁ ବୋଉର ଦୌରାତ୍ମ୍ୟ ଆଗରେ ଶେଷରେ ହାର ମାନିବାକୁ ପଡ଼େ ତାଙ୍କୁ । ଏତେ କାମ ଭିତରେ ବି ବୋଉ ବଡ଼ ବଡ଼ ଗୁଳା କରି ଖୋଇଦିଏ, ପୁଅ ଦିନସାରା ଉପାସ ରହିବା ଭୟରେ । ଅନେକ ପ୍ରତିରୋଧ ସତ୍ତ୍ୱେ, ଶେଷରେ ସେ ନିଜକୁ ସମର୍ପଣ କରିଦିଅନ୍ତି । କେବେ କେବେ ତ ଆଖି ବୁଜି ନିଶ୍ୱାସ ବନ୍ଦ କରି ତରତରରେ ଗିଳି ପକାନ୍ତି ଅନ୍ୟୋପାୟ ହେଇ । କେତେ ଅସହାୟ ଥିଲେ ସେ ! ହାୟ ।

ଦଶମ ଶ୍ରେଣୀ ପରେ ପାଠ ପଢ଼ା ପାଇଁ ଯେତେବେଳେ ଘର ଛାଡ଼ିଲେ, ସେତେବେଳେ ହିଁ ଏ ଭାତ, କ୍ଷୀର, ଆଳୁଭର୍ତ୍ତା ତାଙ୍କର ପିଛା ଛାଡ଼ିଲା । ଆଶ୍ୱସ୍ତିର ନିଶ୍ୱାସ ମାରନ୍ତି ସେ, ଯେତେବେଳେ ଆଜିବି ସେ ସମୟ ମନେ ପଡ଼େ ତାଙ୍କର ।

ଏ ଅଠତିରିଶ ବର୍ଷରେ ଦୁନିଆ ବଦଳି ଯାଇଛି ତାଙ୍କର । ମେଧାବୀ ଛାତ୍ର ଥିଲେ ସେ । ଧୀରେଧୀରେ ସଫଳତାର ସୋପାନ ଚଢ଼ିଚାଲିଲେ । ଆଉ ପଛକୁ ଫେରି ଚାହିଁ ନାହାନ୍ତି । ଇଞ୍ଜିନିୟରିଂ ପଢ଼ାପରେ ପ୍ରଥମ ଚାକିରୀରେ ପୋଷ୍ଟିଙ୍ଗ୍ ହେଲା ଦିଲ୍ଲୀରେ ତାଙ୍କର

। ସେବେଠାରୁ ଦିଲ୍ଲୀ ତାଙ୍କର କର୍ମଭୂମି । ପନ୍ଦର ବର୍ଷର ଚାକିରୀ ପରେ ନିଜର ଅନୁଭବକୁ ନେଇ, ବେପାରରେ ପଶିଲେ ସେ । ମେଡ଼ିକାଲ୍ ଇକ୍ୟୁପ୍‌ମେଣ୍ଟ୍ ପ୍ରସ୍ତୁତ କରୁଥିବା ନିଜର କମ୍ପାନୀ ଆରମ୍ଭ କଲେ । ସେଥିରେ ମଧ୍ୟ ସଫଳ ହୋଇଚାଲିଲେ ସେ । ଦିନକୁ ଦିନ କାରବାର ବଢ଼ିଚାଲିଛି ତାଙ୍କର ଓ ଜୀବନ ସଙ୍କୁଚିତ ହୋଇଚାଲିଛି ।

ପତ୍ନୀ ସବିତାଙ୍କ ମୃତ୍ୟୁପରେ ଖୁବ୍ ଏକା ହୋଇଯାଇଛନ୍ତି ସେ । କିନ୍ତୁ ନିଜକୁ କାର୍ଯ୍ୟବ୍ୟସ୍ତତା ଭିତରେ ହଜାଇ ଦେଇ ସେ ନିଃସଙ୍ଗତାକୁ ଅନୁଭବ କରେଇବାକୁ ଦେଇନାହାନ୍ତି ନିଜକୁ ସେ ।

"An idle mind is devil's workshop" ଉକ୍ତିକୁ ନିଜ ଜୀବନରେ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି ଅବିନାଶ, ଯେତେ ସମ୍ଭବ ନିଜକୁ କାର୍ଯ୍ୟବ୍ୟସ୍ତ ରଖି ।

ଏକମାତ୍ର ପୁଅ ରୋହନ ମଧ୍ୟ ତାଙ୍କ ଆଦର୍ଶରେ ଅନୁପ୍ରାଣିତ । ଏବେଠାରୁ ତାକୁ ସେ ନିଜ କାରବାରରେ ସଂଶ୍ଳିଷ୍ଟ କରିସାରିଲେଣି ଏବଂ ସେ ମଧ୍ୟ ନିଜ କାର୍ଯ୍ୟଦକ୍ଷତାର ପ୍ରତିପାଦନ କରି ଖୁବ୍ ସନ୍ତୋଷ ଦେଇଛି ତାଙ୍କୁ । ତାକୁ କିଛି ଶିଖେଇବାକୁ ପଡ଼େନାହିଁ । ନିଜର କାର୍ଯ୍ୟଶୈଳୀରେ ସେ ତାଙ୍କୁ ଖୁବ୍ ବିସ୍ମିତ କରିଛି କେବେ କେବେ ।

ଅବିନାଶ ଭାବନ୍ତି ଯାହାହେଉ ଏବେ ଟିକେ ଶାନ୍ତିରେ ସେ ଅବଶିଷ୍ଟ ଜୀବନ କାଟି ପାରିବେ । ନିଜ ମୁଣ୍ଡରେ ଆଉ ଦାୟିତ୍ୱ ବି ନାହିଁ ତାଙ୍କର । କେବଳ ରୋହନର ବାହାଘର ଛାଡ଼ି । ଆଜିକାଲି ଦୁନିଆରେ ସେସବୁ ବି ଆଉ ବାପା ମା'ଙ୍କର ଦାୟିତ୍ୱ ନୁହେଁ । ଜୀବନର ଏ ମଧ୍ୟାହ୍ନରେ ନିଜକୁ ଖୁବ୍ ଭଲ ଭାବରେ ଅବସ୍ଥାପିତ କରି ସାରିଛନ୍ତି ସେ । ଦିଲ୍ଲୀର କିଛି ବିଶିଷ୍ଟ ଲୋକଙ୍କ ଭିତରୁ ସେ ଆଜି ଜଣେ । ସମ୍ଭ୍ରାନ୍ତ ଗୋଷ୍ଠୀରେ ତାଙ୍କର ଖୁବ୍ ନାଁ ଡାକ ।

କିନ୍ତୁ ସବୁବେଳେ ଜୀବନ କ'ଣ ନିର୍ଦ୍ୱନ୍ଦ୍ୱରେ କଳକଳ ବହିପାରେ? ସବୁ ସ୍ୱାଚ୍ଛନ୍ଦତା ଭିତରେ ଏ ରୋଗଟା ହିଁ ତାଙ୍କର ଏକମାତ୍ର ସମସ୍ୟା । ନିତ୍ୟ ଜୀବନଚର୍ଯ୍ୟା ଭିତରେ କେବେକେବେ ସେ ଖୁବ୍ ଅଣନିଶ୍ୱାସୀ ଅନୁଭବ କରନ୍ତି । ହୃଦସ୍ପନ୍ଦନ ହଠାତ୍ ବଢ଼ିଯାଏ ।

ଯେମିତି କିଛି ଗୋଟେ ହାତରୁ ବାହାରି ଯାଉଛି । ନିଜ ଆୟତ୍ତରେ ନାହିଁ କିଛି । ଅନୁଭବ ହୁଏ କିଛି ଯେମିତି ଚାଲିଯାଇଛି ତାଙ୍କ ପାଖରୁ ଓ ସେ ପ୍ରାଣପଣେ ଚେଷ୍ଟା କରି ମଧ୍ୟ ତାକୁ ଅଟକେଇ ପାରୁନାହାନ୍ତି । ଏ ପ୍ରଚେଷ୍ଟାରେ ତାଙ୍କ କଣ୍ଠରୋଧ ହୋଇଯାଏ । ଛାଟିପିଟି ହେଇଯାଆନ୍ତି ସେ । ପ୍ରବଳ ବିଷର୍ଣ୍ଣତାର ଆବେଗରେ ନିସ୍ତେଜ ହୋଇପଡ଼ନ୍ତି ସେ । ଅବିନାଶ ବୁଝିପାରୁନାହାନ୍ତି କାହିଁକି ଏ ଗତ କିଛି ବର୍ଷ ଭିତରେ ଏ ରୋଗଟା ଧୀରେ ଧୀରେ ତାଙ୍କୁ ଗ୍ରାସ କରିବାରେ ଲାଗିଛି । ଏତେ ଅସହାୟତା ସେ କେବେବି ଆଗରୁ ଅନୁଭବ କରିନଥିଲେ । ନିଜର କିଛି ଅନ୍ତରଙ୍ଗ ବନ୍ଧୁମାନଙ୍କୁ ସେ ଏକଥା କହିଛନ୍ତି । ଥରେ ଶର୍ମାବାବୁ ପ୍ରସ୍ତାବ ଦେଲେ ମାନସିକ ରୋଗ ହୋଇଥାଇପାରେ । ଆଜିକାଲି ସାଇକୋଲୋଜିକାଲ୍ ଡିଜ୍‌ଅର୍ଡ଼ର୍ ଏକ ମୁଖ୍ୟ ସମସ୍ୟା ହୋଇଚାଲିଛି ଲୋକଙ୍କ ଭିତରେ । ଜଣେ ନାମକରା ଡାକ୍ତରଙ୍କ ଠିକଣା ମଧ୍ୟ ଦେଲେ ସେ ଅବିନାଶଙ୍କୁ । କିନ୍ତୁ ଦିଲ୍ଲୀ ଭଳି ଏକ ଜାଗାରେ ଯେଉଁଠି ସ୍ୱାସ୍ଥ୍ୟସେବା ଏତେ ଉନ୍ନତ, ସେଠାରେ ମଧ୍ୟ ଅବିନାଶ ନିରାଶ ହୋଇଛନ୍ତି ।

ଥରେ ମାତ୍ର ଭୁଲ୍ କରିଥିଲେ ସେ ବୋଉକୁ ଏ ରୋଗ ବିଷୟରେ କହି । ବୋଉ ବାଧ କଲା କଟକ ଆସି ବଡ଼ ଡାକ୍ତରଖାନାରେ ଶୀଘ୍ର ଚିକିତ୍ସା କରେଇବାକୁ । ହୁଏତ କିଛି ହୃଦ୍‌ରୋଗ ସମ୍ବନ୍ଧୀୟ ଦୋଷ ହୋଇପାରେ । ବୋଉର ଖୁସି ପାଇଁ ସେତିକି ମଧ୍ୟ ସେ କରେଇଲେ । କିନ୍ତୁ ସୁଫଳ ପାଇନାହାନ୍ତି । ବୋଉକୁ ଆଶ୍ୱାସନା ଦେଉଛନ୍ତି ରୋଗ ଭଲ ହେଇଗଲା ବୋଲି । ବୋଉର ବୟସ ଅଶୀ ଛୁଇଁବ । ଏ ବୟସରେ ତାକୁ ଆଉ ଚିନ୍ତିତ କରେଇବା ତା' ପାଇଁ ଠିକ୍ ନୁହେଁ ।

ତା'ଛଡ଼ା ବୋଉ ବି ତ ଏବେ ତାଙ୍କ ଭଳି ପୁରା ଏକା । ଏ ବୟସରେ ବି ନିଜ କାମ ସବୁ ନିଜେ କରେ ସେ । କଟକ ଘରର ପୁରା ତଦାରଖ କରେ । ଅବଶ୍ୟ ସେଥିରେ ମଧ୍ୟ ଅବିନାଶ ନିଜ କର୍ତ୍ତବ୍ୟରେ ଅବହେଳା କରିନାହାନ୍ତି । ଦୁଇଜଣ ବିଶ୍ୱସ୍ତ ଲୋକ

ରଖେଇଛନ୍ତି ବୋଉ ପାଖରେ । ଜଣେ ଘରେ ରୋଷେଇବାସରେ ସାହାଯ୍ୟ ପାଇଁ ଓ ଅନ୍ୟଜଣେ ବାହାର କାମ, ହାଟ, ସଉଦା ପାଇଁ । ତା' ଛଡ଼ା ନିଜର ଯେତେ କାମ ଥିଲେ ମଧ୍ୟ ପ୍ରତ୍ୟେକଦିନ ବୋଉ ସହ କଥା ହେବା ତାଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀରେ ଏକ ଅବିଚ୍ଛେଦ୍ୟ ଅଙ୍ଗ ହିସାବରେ ସାମିଲ୍ କରିନେଇଛନ୍ତି ସେ ।

ବର୍ଷରେ ଦୁଇତିନିଥର ଯାଇ କଟକରେ ବୁଲି ଆସନ୍ତି ମଧ୍ୟ । ଘରକୁ ଗଲେ ବୋଉର ଆଉ ଗୋଡ଼ ତଳେ ଲାଗେନି । ନ ତିଅଣ ଛ' ଭଜା କରି ପୁଅକୁ ନ ଖୋଇବା ପର୍ଯ୍ୟନ୍ତ ଶାନ୍ତି ନଥାଏ ତାକୁ ଏ ବୟସରେ ବି । ବୋଉର ଖୁସିରେ ସେ ବି ଖୁସି ହୁଅନ୍ତି ।

ହେଲେ ଆଜି ଏ ସବୁ କାହିଁକି ତୁହାକୁ ତୁହା ମନେ ପଡୁଛି? ଗତ ଆଠଦିନ ତାଙ୍କ ପାଇଁ ଆଠ ଯୁଗ ହେଇଗଲାଣି । ସେଥିରେ ପୁଣି ସକାଳୁ ସକାଳୁ ଏ ପୁରୁଣା ରୋଗଟା ବାହାରିଲାଣି । ଛାତି ଭିତରଟା ଅହେତୁକ ଭାବରେ ଧମ୍ ଧମ୍ ହେଉଛି ଓ ଅଣନିଶ୍ୱାସୀ ହେଇଯାଉଛନ୍ତି ସେ । ପାରିପାର୍ଶ୍ୱିକ ଅବସ୍ଥାକୁ ସେ ପୂର୍ଣ୍ଣମାତ୍ରାରେ ଦାୟୀ କରୁଛନ୍ତି ତାଙ୍କର ଏ ରୋଗ ପାଇଁ ଆଜି । ଆଠଦିନ ହେଲାଣି ହୋଟେଲ୍‌ର ଏ ଛୋଟ ରୁମ୍‌ରେ ସେ ବନ୍ଦୀ ହୋଇ ରହିଛନ୍ତି ।

କି ଗୋଟିଏ କରୋନା ଭାଇରସ୍ ଆସିଛି ଯେ, ସାରା ବିଶ୍ୱ ସେଥିପାଇଁ ବ୍ୟସ୍ତ, ବିବ୍ରତ । ଏ ପର୍ଯ୍ୟନ୍ତ କାଳେ ତା' ପାଇଁ ଟୀକା, ଔଷଧ ବାହାରିନି । ଏକମାତ୍ର ଚିକିତ୍ସା ହେଉଛି ସଙ୍ଗରୋଧ । ପୃଥିବୀର ବିକଶିତ ରାଷ୍ଟ୍ରମାନେ ମଧ୍ୟ ଏହି ଭୂତାଣୁ ସାମ୍ନାରେ ହାର୍ ମାନିଲେଣି । ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବିପଦଜନକ ଭାବରେ ବଢ଼ିଚାଲିଛି ଏଥିରେ । ସେଥିପାଇଁ ପ୍ରତିଷେଧକ ରୂପରେ ସାରା ଭାରତରେ ତାଲା ବନ୍ଦ ଘୋଷଣା କରିଛନ୍ତି ସରକାର ।

ଅବିନାଶ ଆଠଦିନ ତଳେ କଲିକତାରେ ପହଞ୍ଚିଥିଲେ ଏକ ଜରୁରୀ କାମରେ । ତା' ପରଦିନ ହିଁ ତାଙ୍କର ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ଥିଲା । ହେଲେ ଭାଗ୍ୟ ଖରାପ ହେଲେ, କେହି ସାହା ହେଇପାରିବେ ନାହିଁ । ତାଙ୍କର ଦୁର୍ଯୋଗକୁ ସେହିଦିନ ରାତିରେ ହିଁ

ସମଗ୍ର ଦେଶରେ ତାଲାବନ୍ଦ ଘୋଷଣା କରାହେଲା । ଘରୁ ବାହାରିବା ପାଇଁ ଶକ୍ତ ନିଷେଧାଜ୍ଞା ଜାରୀ ହୋଇଛି । ଯିଏ ଯୋଉଠି ଅଛନ୍ତି, ସେଇଠି ହିଁ ରହିବା ପାଇଁ କୁହାଯାଇଛି ।

ଏ ଆଠଦିନ ଭିତରେ ବହୁତଥର ସେ ସରକାରଙ୍କ ଉପରେ ରାଗିଛନ୍ତି । ଭାବିଛନ୍ତି ଏ ସରକାରର କ'ଣ କାଣ୍ଡଜ୍ଞାନ ନାହିଁ? ଦୁଇଦିନ ସମୟ ଦେଇଥିଲେ ତ ସମସ୍ତେ ସ୍ୱସ୍ଥାନକୁ ଫେରି ପାରିଥାନ୍ତେ । ଏମିତି କ'ଣ ଯିଏ ଯୋଉଠି ଅଛି, ସେଇଠି ରହିପାରିବ? ପର ମୁହୂର୍ତ୍ତରେ କିନ୍ତୁ ନିଜର ମୂର୍ଖାମୀ ଉପରେ ସେ ନିଜେ ଲଜ୍ଜିତ ହୋଇଛନ୍ତି ।

ଛୋଟ ହେଲେ ମଧ୍ୟ ବେଶ୍ ପୁରୁଣା ଏ ହୋଟେଲ୍ ଓ ହୋଟେଲ୍‌ର ଆତିଥେୟତା ତାଙ୍କର ଖୁବ୍ ପସନ୍ଦ । ଏ ହୋଟେଲରେ ରହିଲେ ହିଁ କଲିକତାର ଆତ୍ମାକୁ ସେ ଅନୁଭବ କରି ପାରନ୍ତି । ନହେଲେ ତ କୋଲକତାରେ ଅନେକ ବଡ଼ ବଡ଼ ହୋଟେଲ ପ୍ରତିଯୋଗିତାମୁଖୀ । କିନ୍ତୁ ଏଇ କିଛିଦିନର ବନ୍ଦୀ ଜୀବନ ଭିତରେ ବିରକ୍ତି ଲାଗିଲାଣି ତାଙ୍କୁ ହୋଟେଲର ଏ ଛୋଟ କୋଠରୀ । ବିତୃଷ୍ଣା ଆସିଗଲାଣି ଏ ହୋଟେଲ ଉପରେ । ସେ ତ ମନେ ମନେ ଭାବି ସାରିଲେଣି ଏଥର କଲିକତା ଆସିଲେ ଆଉ ଏ ହୋଟେଲରେ ରହିବେନି । କିନ୍ତୁ ଏଠୁ ବାହାରିଲେ ତ, ଆଉଥରେ ଆସିବା କଥା ଭାବିବେ...

ଏ ଆଠଦିନ କେମିତି କଟିଛି ସେ ହିଁ ଜାଣିଛନ୍ତି । ଗତ ତିରିଶବର୍ଷର କର୍ମ ଜୀବନରେ କେବେ ଏମିତି ଅକର୍ମା ହେଇ ବସିଥିବାର ତାଙ୍କର ମନେ ନାହିଁ । ରୁମ ବାହାରକୁ ଯିବାରେ ବି କଟକଣା କରାହେଇଛି । ଅଗତ୍ୟା ଏ ଚାରିକାନ୍ଥ ଭିତରେ ହିଁ ସେ ଜୀବନର ଗତ ଶହେ ଷୋହଳ ଘଣ୍ଟା କଟେଇ ସାରିଲେଣି । ଆଗକୁ ଆଉ କେତେ ଯେ ଘଣ୍ଟା କିଏ କହିବ? ଦୀର୍ଘନିଶ୍ୱାସ ମାରିଲେ ସେ ।

ପ୍ରଥମ ଦୁଇତିନି ଦିନ ତ ଟି.ଭି. ଓ ମୋବାଇଲରେ ସମୟ ବିତାଇଦେଲେ । ହେଲେ ସେଥିରେ ବି ଚାରିଆଡ଼େ ଖାଲି କରୋନାର ଚର୍ଚ୍ଚା । କେତେ ଆଉ ଦେଖିବେ... ଶେଷରେ ଟି.ଭି. ବନ୍ଦ କରି ରଖିଛନ୍ତି ସେ ତିନିଦିନ ହେଲାଣି ।

ବହୁତ ଘର କଥା, ଛୋଟବେଳ କଥା ମନେ ପଡୁଛି ତାଙ୍କର । ଆଜିର ଜୀବନରେ ଯେଉଁସବୁ କଥା ନିରର୍ଥକ, ସେସବୁ ନିରର୍ଥକ ବାଲ୍ୟସ୍ମୃତି ବେଳକୁ ବେଳ ତାଙ୍କୁ ଅଥୟ କରୁଛି । ନିଜକୁ ସମ୍ଭାଳିବା ପାଇଁ ବହୁତଥର ଧ୍ୟାନରେ ବସିଛନ୍ତି ସେ । ତଥାପି ସୁଫଳ ମିଳିନି । ବେଳକୁ ବେଳ ଅସମ୍ଭାଳ ଲାଗୁଛି ।

ରୋହନ ମଧ୍ୟ ବହୁତ ଚିନ୍ତିତ ତାଙ୍କ ପାଇଁ । ଦିନରେ ଚାରି, ପାଞ୍ଚ ଥର ଫୋନ୍ କରି ଅବସ୍ଥା ବୁଝୁଚି । ତାକୁ ବ୍ୟସ୍ତ କରେଇବାକୁ ଚାହିଁନାହାନ୍ତି କେବେ ସେ । ସେଥିପାଇଁ ତା' ସହ କଥା ହେଲାବେଳେ ଖୁବ୍ ସଂଯତ ହୋଇ କଥା ହେଉଛନ୍ତି ସେ । ହସି ହସି କୁହନ୍ତି ତାକୁ ଯାହା ହେଉ ମତେ ଟିକେ ଆରାମ ମିଳିଲା ଏତେ ଦିନ ପରେ । ନିହାତି ଦରକାର ଥିଲା ମୋ ପାଇଁ ଏ ବ୍ରେକ୍‌ଟା ।

କାଲି ଦିନସାରା କିଛି ଖାଇନାହାନ୍ତି ସେ । ବିଷର୍ଣ୍ଣତା ଯେମିତି ତାଙ୍କର ସମଗ୍ର ସତ୍ତାକୁ ଆଚ୍ଛନ୍ନ କରିଛି । ଭୋକ ଯେମିତି ମରିଯାଇଛି ତାଙ୍କର । ଯେତେ ଚେଷ୍ଟା କଲେ ବି କାଲି ରୋହନ ସହ ହସି କରି କଥା ହେଇପାରିଲେନି ସେ । ରୋହନ ବାରମ୍ବାର ପଚାରିଲା ଦେହ ଭଲ ଅଛି କି ନାହିଁ । ବହୁତ କିଛି କହିବାକୁ ଚାହିଁଥିଲେ ସେ ନିଜର ଅସହାୟତା, ଉଭଟ ଚିନ୍ତା ସବୁକିଛି । କିନ୍ତୁ ଶେଷ ପର୍ଯ୍ୟନ୍ତ କିଛି କହି ପାରିଲେନି । ଦିନସାରା ପୁରା ଗୁମ୍‌ସୁମ୍ ହୋଇ ବସିଛନ୍ତି ସେ ।

କାରାବାସ ଉପରେ ବହୁତ ବହି ପଢ଼ିଛନ୍ତି ସେ । କଳାପାଣିଠାରୁ ଆରମ୍ଭ କରି ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଜୀବନୀ ପର୍ଯ୍ୟନ୍ତ । କିନ୍ତୁ ତାଙ୍କୁ କାହିଁକି ଭଗବାନ ଏ ଦଣ୍ଡ ଦେଲେ? ନା ତାଙ୍କୁ କିଛି ପଶ୍ଚାତାପ କରିବାର ଅଛି ନା ଉପଲବ୍ଧି? ଆଉ ବୋଧେ କିଛିଦିନ ଏ ଅବସ୍ଥା ଲାଗି ରହିଲେ ସେ ପାଗଳ ହୋଇଯିବେ । ଦିନ ଯାଇ କେତେବେଳେ ରାତି ହୋଇ ଯାଇଥିଲା ସେ କଥା ମଧ୍ୟ ତାଙ୍କ ଧ୍ୟାନରେ ନଥିଲା । ସନ୍ଧ୍ୟାରେ ବୋଉ ଫୋନ୍ କରିଥିଲା । ଏତେ ଅନ୍ୟମନସ୍କତା ଭିତରେ ସେ ବୋଉକୁ ଫୋନ୍ କରିବା କଥା ବି ଭୁଲି

ଯାଇଛନ୍ତି । ଚଟାପଟ୍ ନିଜକୁ ପ୍ରକୃତିସ୍ଥ କରେଇ ସାଧାରଣ ସ୍ୱରରେ ବୋଉ ସହିତ କଥା ହେଲେ ଅବିନାଶ ବେଶୀ ସମୟ କଥା ହେଲେ । କାଳେ ବୋଉ କିଛି ସନ୍ଦେହ କରିବ, ସେଥିପାଇଁ ତରତରରେ ବୋଉର ହାଲ୍‌ଚାଲ୍ ପଚାରିଦେଲେ ସେ ଏବଂ କାର୍ଯ୍ୟବ୍ୟସ୍ତ ଅଛନ୍ତି ପରେ କଥା ହେବେ କହି ଫୋନ୍ ରଖିଦେଲେ ।

ଏ ଗତ ଆଠଦିନର ଦୁର୍ଦ୍ଦଶା ସେ ବୋଉକୁ କହିନାହାନ୍ତି । ଅଯଥାରେ ବ୍ୟସ୍ତ ହେବ ସେ । କିନ୍ତୁ ଫୋନ୍ ରଖିଲାପରେ ମନ ତାଙ୍କର ଆହୁରି ବିଷର୍ଣ୍ଣ ହୋଇପଡ଼ିଲା । ତୁହାକୁ ତୁହା କଟକର ଘର, ବୋଉ, ମାଟି, ପାଣି, ପବନ ତାଙ୍କର ସମଗ୍ର ସତ୍ତାକୁ ଗ୍ରାସ କରିଚାଲିଲା । ଜୀବନରେ ପ୍ରଥମଥର ନିଃସଙ୍ଗତା ଏତେ ଭୀତିପ୍ରଦ ଥିଲା ତାଙ୍କ ପାଇଁ । ଅସହାୟବୋଧ ଓ ଏକାକୀତ୍ୱ ଧୀରେଧୀରେ ଅବଶ କରିଚାଲିଥିଲା ତାଙ୍କୁ । ୫୫ ବର୍ଷ ବୟସରେ ମଧ୍ୟ ସେ ଲୁହ ଅଟକାଇ ପାରିଲେନାହିଁ । ସେ କାନ୍ଦ ଭିତରେ କେତେବେଳେ ଯେ ନିଦ ଆସିଯାଇଛି ସେ ଜାଣିପାରିନାହାନ୍ତି ।

ଦୁର୍ଯୋଗ ଗୋଟିଏ ପରେ ଗୋଟିଏ ଦାଉ ସାଧିବା ପରି ଏ ଅବସ୍ଥାରେ ଆଜି ସକାଳୁ ସକାଳୁ ପୁଣି ଏ ପୁରୁଣା ରୋଗ ତାଙ୍କୁ ଆକ୍ରମଣ କରିଛି । ଦୁର୍ବଳ ଦେହ ଓ ଅବଶ ମନରେ ସେ ଅଣନିଶ୍ୱାସୀ ଅନୁଭବ, ସତେ ଯେମିତି ଗୋଟେ ମୁହୂର୍ତ୍ତରେ ତାଙ୍କୁ ଲାଗିଲା ଯଦି ସତରେ ମୃତ୍ୟୁ ହୋଇଯାଏ ଏ କୋଠରୀରେ ତେବେ?

ଏ ଭୟ ସହ ସହଯୋଗ କରିବାକୁ ପଛକୁପଛ ଅନେକ ଦୁଃଶ୍ଚିନ୍ତା ତାଙ୍କ ମନକୁ କବଳିତ କରିଚାଲିଲେ । ଯଦି ସତରେ ତାଙ୍କର ଆଜି ଏ ହୋଟେଲ କୋଠରୀରେ ମୃତ୍ୟୁ ହୋଇଯାଏ ତେବେ ଏଇ କ'ଣ ସଂଜ୍ଞା ସଫଳ ଜୀବନର? ଯଦି ଏମିତି ହିଁ ମରିବାର ଥିଲା ଏକାକୀ ତାଙ୍କୁ ତେବେ ଏତେ ଅର୍ଥ ଉପାର୍ଜନ, ସ୍ୱାଚ୍ଛନ୍ଦ ଜୀବନର ଯଥାର୍ଥତା ଆଉ କୋଉଠି ରହିଲା? ଏ ଶେଷ ସମୟ ଜୀବନର ହିଁ ଉପହାସ କରୁଛି ତାଙ୍କୁ ଓ ପ୍ରଶ୍ନ କରୁଛି ତାଙ୍କ ସାର୍ଥକତା ଉପରେ ।

ଧ୍ୟାନମଗ୍ନ ପ୍ରାୟ ସେ ଭାବି ଚାଲିଥିଲେ ଓ ତାଙ୍କ ହିସାବରେ ମରୁଥିଲେ ଧୀରେ ଧୀରେ । ହଠାତ୍ ମୋବାଇଲ୍ ରିଙ୍ଗ୍‌ରେ ପ୍ରକୃତିସ୍ଥ ହେଲେ ଅବିନାଶ । ସେ ବିହ୍ୱଳିତ ଅବସ୍ଥାରୁ ବେଶ୍ କିଛି ସମୟ ଲାଗିଲା ତାଙ୍କୁ ସଚେତନ ହେବାକୁ । ବାଲ୍ୟବନ୍ଧୁ ପ୍ରକାଶର ଫୋନ୍ ।

ପାଞ୍ଚମିନିଟ୍‌ର କଥାବାର୍ତ୍ତା ଆଉଥରେ ମନେ ପକାଉଥିଲେ ସେ । ପ୍ରକାଶର କଥାବାର୍ତ୍ତାର ସାରାଂଶ ଥିଲା, ଗତକାଲି ରୋହନ ତାଙ୍କ ସହ କଥା ହେବା ପରେ ବ୍ୟସ୍ତ ହୋଇ ତାଙ୍କର କିଛି ବନ୍ଧୁଙ୍କୁ ଫୋନ୍ କରିଥିଲା । ଯୋଗକୁ ପ୍ରକାଶ କଲିକତାରେ ହିଁ ଥିଲେ ଓ ଆଜି ସକାଳୁ ଭୁବନେଶ୍ୱର ବାହାରୁଥିଲେ । ଡାକ୍ତରୀ ପେସା ପାଇଁ, ଏ ସମୟରେ ମଧ୍ୟ ତାଙ୍କ ପାଇଁ କିଛି କଟକଣା ନଥିଲା ଯିବା ଆସିବାରେ । ପ୍ରକାଶ ରୋହନଠାରୁ ସବୁ ଶୁଣିବା ପରେ, ଅବିନାଶଙ୍କୁ ଫୋନ୍ କରିଥିଲେ ଏବଂ ଅଧଘଣ୍ଟା ମଧ୍ୟରେ ପ୍ରସ୍ତୁତ ରିହବା ପାଇଁ କହିଲେ ।

ପ୍ରାଣାନ୍ତକ ଯନ୍ତ୍ରଣା ପରେ ହଠାତ୍ ଯନ୍ତ୍ରଣା ଉଭାନ୍ ହୋଇଗଲେ ଯେଉଁ ଅନୁଭବ, ତାକୁ କେବଳ ଅନୁଭବୀ ହିଁ କହିପାରିବେ । ପରବର୍ତ୍ତୀ ଛ'ଘଣ୍ଟା ସେ ଯେପରି ଭାସୁଥିଲେ କେଉଁଠି । ଭ୍ରମଣ ସମୟରେ ପ୍ରକାଶକୁ ମଧ୍ୟ ଜାଣିବାକୁ ଦେଇନାହାନ୍ତି ତାଙ୍କର ମାନସିକସ୍ଥିତି ସେ । ପକ୍କା ବିଜିନେସ୍‌ମ୍ୟାନ୍ ଭଳି କଥା ହେଇ ଆସିଛନ୍ତି ରାସ୍ତା ସାରା । କିନ୍ତୁ କ'ଣ କଥା ହେଇଛନ୍ତି ସେସବୁ ବି ମନେ ରଖିନାହାନ୍ତି । କେମିତି ଗୋଟେ ବିହ୍ୱଳ ଅବସ୍ଥାରେ ଥିଲେ ସେ । ଦିନ ପ୍ରାୟ ଦୁଇଟା ବେଳକୁ କଟକରେ ପହଞ୍ଚିଗଲେ ଅବିନାଶ । ପ୍ରକାଶକୁ ଶୀଘ୍ର ପହଞ୍ଚିବାକୁ ପଡ଼ିବ ଭୁବନେଶ୍ୱରରେ, ସେଥିପାଇଁ କ୍ଷମା ମାଗିନେଇ ସେ ଘର ସାମ୍ନାରେ ଅବିନାଶଙ୍କୁ ଛାଡ଼ି ଦେଇଗଲା । ପ୍ରକାଶ ଛାଡ଼ିଗଲାପରେ ନିଶ୍ଚଳ ହୋଇ ଅବିନାଶ ଘର ସାମ୍ନାରେ ଠିଆ ହୋଇ ଘରକୁ ହିଁ ଦେଖିଥିଲେ । ସତରେ କ'ଣ ଦୀର୍ଘ ଆଠଦିନ ହେଲା ସେ ଏଇ ଘରକୁ ଏତେ ଝୁରିଛନ୍ତି ଓ ଆଜି ସକାଳେ ମରିବା ପୂର୍ବରୁ ବି ଏଇ ଘର କଥା

ଭାବିଛନ୍ତି? ସତରେ ସେ ଆଉ ମରି ଯାଇନାହାନ୍ତି ତ? ନିଜକୁ ଚିମୁଟି ନିଶ୍ଚିନ୍ତ ହେବାପରେ, ସାଷ୍ଟାଙ୍ଗ ହୋଇ ଘରକୁ ପଶିଲେ ସେ ।


ବୋଉ ପ୍ରଥମେ ତାଙ୍କୁ ଦେଖି ତାଟକା ହେଇ ଅନେଇ ରହିଲା । ନିଜ ଆଖିକୁ ବିଶ୍ୱାସ କରିପାରିଲାନାହିଁ । ବୋଉର ବିସ୍ମୟ, ଉଚ୍ଛ୍ୱାସ ଭିତରେ ପ୍ରକୃତିସ୍ଥ ହେବାକୁ ତାଙ୍କୁ ନିଜ ସହ ଖୁବ୍ କସରତ କରିବାକୁ ପଡ଼ିଲା । ଦୁଇଦିନ ପରେ ପ୍ରଥମଥର ତାଙ୍କୁ କ୍ଷୁଧାର ପ୍ରକୋପ ଉପଲବ୍ଧ ହେଲା । ସେମିତିରେ ବି ବହୁତ କମ୍ କଥା କହୁଥିଇବା ଅବିନାଶ ଖୁବ୍ ସ୍ୱଳ୍ପରେ କହିଲେ, ଠିକ୍ ଅଛି । ଶୀଘ୍ର ଖାଇବାକୁ ଦେ ।


ବୋଉ କହିଲା ଯା' ଶୀଘ୍ର ହାତମୁହଁ ଧୋଇ ଆସେ । ମୁଁ ବି ଖାଇବାକୁ ବାଢୁଥିଲି । ସାଙ୍ଗରେ ଖାଇବା । ସୁନାପିଲା ଭଳି ଅବିନାଶ ହାତ ମୁହଁ ଧୋଇ ଟେବୁଲ୍‌ରେ ବସିଗଲେ ଓ ବୋଉ ବଡ଼ ବଡ଼ ଗୁଳା କରି ଭାତ, କ୍ଷୀର, ଆଳୁଭର୍ତ୍ତା ଖୋଇଦେଲା । ଅପରାଧୀ ଭଳି କହିଲା ଆଜି କିଛି କରିନିରେ, ଏଥିରେ ଚଳେଇଦେ ।


ଅବିନାଶ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । ଭୋ-ଭୋ ହୋଇ କାନ୍ଦିଉଠିଲେ । ବୋଉ କାନିରେ ଲୁହ ପୋଛୁ ପୋଛୁ କହିଲେ ଏଇ ଅମୃତକୁ ହିଁ ଦୀର୍ଘ ଅଠତିରିଶ ବର୍ଷହେଲା ଖୋଜି ଚାଲିଚି । ଏବେ ବୁଝିପାରୁଛି କାହିଁକି ମତେ ଅଣନିଶ୍ୱାସୀ ଲାଗୁଥିଲା । କ'ଣ ଖୋଜୁଥିଲି ମୁଁ । ମୋତେ ଆଉ ଏବେ କୁଆଡ଼େ ଯିବାର ନାହିଁ । ଏଇଠି ରହିବି, ତୋ ପାଖରେ, ସବୁଦିନ ଭାତ, କ୍ଷୀର, ଆଳୁଭର୍ତ୍ତା ଖାଇବି ।


ଜୀବନରେ ପାଠପଢ଼ା, ଅର୍ଥ ଉପାର୍ଜନ, କ୍ଷମତା ସବୁକିଛି ନୁହେଁ ସେ କଥା ଏ ଆଠଦିନରେ କାରାଜୀବନ ମୋତେ ଭଲ ଭାବରେ ବୁଝେଇ ସାରିଛି । ଆହୁରି ଅନେକ କିଛି କରିବାର ଅଛି ମୋର । ସେସବୁ କହି ହୁଏନି କି ବୁଝେଇ ହୁଏନି । କେବଳ ଆତ୍ମ ଉପଲବ୍ଧି କରିହୁଏ ।

ବୋଉ ସବୁ ବୁଝିଲା ଭଳି ମୁଣ୍ଡ ଆଉଁସି ଦେଲା ତାଙ୍କର । ମନେ ମନେ ଅବିନାଶ ଭାବୁଥିଲେ ପ୍ରକୃତରେ ଏ କରୋନା ନୁହେଁ, ଏ ହେଉଛି "କରୁଣା" ।
































ଗରବେ କହିବି ଓଡ଼ିଆପୁଅ ମୁଁ

ତପନ ଦୀକ୍ଷିତ

"ଗରବେ କହିବି ଓଡ଼ିଆପୁଅ ମୁଁ
ଓଡ଼ିଆ ମୋ ମାତୃଭାଷା
ଯାହାର ପବନ ପ୍ରତି ନିଶ୍ୱାସେ ମୋ
ପାଣି ଯା' ଶୋଣିତେ ମିଶା"
ମଳୟରେ ଯା'ର ତୁଳସୀ ମହକ
ଭକତିର ଛୁଆଁ ଦିଏ
ଗାଈଆଳ ପିଲା ନିତି ସଞ୍ଜେ ଯହିଁ
ମୁରଲୀ ବଜାଇ ଯାଏ,
ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷେ ଯହିଁ
ଅଇଁଠା ଅବଢ଼ା ଖାଇ
ପ୍ରେମ ବାଣ୍ଟୁଥାନ୍ତି ସଭିଏଁ ଯେଉଁଠି
ଆନନ୍ଦେ ବିଭୋର ହୋଇ,
ଯାହାର ଠାକୁର ଜଗତର ନାଥ
ସାଗର ଯା' ମହୋଦଧି
କୁଳୁ କୁଳୁ ଛନ୍ଦେ ବହି ଯାଉଥିବା
ସରି ତ ଯା ମହାନଦୀ,
ଚଣ୍ଡାଶୋକ ଯହିଁ ଧର୍ମାଶୋକ ହୋଇ
ନୁଆଁଇଲେ ତାଙ୍କ ମଥା
ଭଗ୍ନ କୋଣାରକ ଗର୍ବେ କୁହେ ଯହିଁ
ଅମର କୀର୍ତ୍ତିର ଗାଥା,
ମାଟିରୁ ଯାହାର ମଧୁ ଗନ୍ଧ ଛୁଟେ
ସ୍ନେହ ବୋଳା ଯା'ର ଭାଷା
ସୁଜଳା ସୁଫଳା ଚାରୁ ଲାସ୍ୟମୟୀ
ସେଇ ମୋ ଦେଶ ଓଡ଼ିଶା ॥



ନିର୍ବାସିତା

ସୋନାଲି ସୁଚରିତା

ମା !
ତୁମ ଜରାୟୁର ଅନ୍ଧାରି ମୂଲକ;
ଉଦ୍ଭାସିତ ହୋଇଛି ଆଜି ଏକ ନୂତନ ସୃଷ୍ଟିର ଝଲକ ।
କୈଶିକ ଝିଲ୍ଲୀର ଆସ୍ତରଣ
ଗର୍ଭ-ନାଡ଼ର ସଂଯୋଗରେ ନିଶ୍ଚିତ ହୋଇ ଏଇତ ଆରମ୍ଭ ମାତ୍ର ମୋ ସନ୍ତରଣ ।
ତୁମରି ରକ୍ତ-ମାଂସରେ ଗଢ଼ା ଆରମ୍ଭ ହେଲା ମୋର ଗୋଟିଏ ପରେ ଗୋଟିଏ ଜୀବକୋଷ...
ମୁଦ୍ରିତ ମୋ ଆଖିର ପତଳା ପରଦାରେ ନେଇ ଆଖିଏ ସ୍ୱପ୍ନ,
ମୋ ଜୀବନ ଯେ କେବଳ ତୁମ ସ୍ନେହର ବଶ ।

ଆଜି ଦ୍ୱିତୀୟ ମାସରେ ତୁମର ପ୍ରଥମ ଅନୁଭବ,
ମୋ ସତ୍ତାର ଉପଲବ୍ଧିରେ ଆରମ୍ଭ ହେଲା ମାତୃତ୍ୱର ଶିହରଣ,
ଏଇ ତ ମୋର କୋମଳ କ୍ଷୀଣ ପ୍ରଭାବ !!
ତୁମେ ଆଜି ପୁଲକିତ ତୁମ ପ୍ରତିଟି ମୁହୂର୍ତ୍ତରେ ମା'
ତୁମ ପାହାନ୍ତିଆ ସ୍ୱପ୍ନର ଦୁନ୍ଦୁଭି,

ମୋ ଆଗମନ ପାଇଁ ଆହ୍ଲାଦିତ... ନିନାଦିତ ।
ମୁଁ ନିଦ୍ରିତ ବୋଲି ସଭିଏଁ କୁହନ୍ତି,
କିନ୍ତୁ ମୁଁ ତ ଚିର-ଜାଗୃତି, ତୁମ ମସ୍ତିଷ୍କର କୋଣରେ, ହୃଦୟର ଅନୁକୋଣରେ,
ମୁଁ ଆଉ ମୋ ସମ୍ଭାବନାର ଅଖଣ୍ଡ ରାଜୁତି ।
ତୁମ ପ୍ରତିଟି ପ୍ରଶ୍ୱାସ ସହ ମୋ ସ୍ୱଚ୍ଛ ଦେହ, ଫୁସଫୁସ ପ୍ରକମ୍ପିତ...
ଆଜି, ତୃତୀୟ ମାସର ପ୍ରାୟ ମଧ୍ୟ ଭାଗରେ,
ମୋ ହୃଦୟ ଗଢ଼ା ସରିବା ପରେ, ତୁମ ସ୍ପନ୍ଦନ ସହ ମୁଁ ବି ହେବି ସ୍ପନ୍ଦିତ...
ମୋର ଅବୟବ ଏ ଯାଏ ପୂର୍ଣ୍ଣ ହେଇନି ମା' !
କିନ୍ତୁ ଏ କ'ଣ ! ତୁମେ କହିଚାଲିଚ, "ପୁଅ କି ଝିଅ ନ ଜାଣି ମୋ ମନ ମାନୁନି !!!"
ବୁଝୁଛି ମା' ! ତୁମ ଅମୂଲ୍ୟ ସ୍ମୃତିରୁ ମୁଁ ସୃଷ୍ଟି ।
ଏତେ ସହଜ କେମିତି ହୁଅନ୍ତା ଏ ପ୍ରତୀକ୍ଷା !!!
ଜାଣିଲେ ମୋତେ ଆହୁରି ଗାଢ଼ ସ୍ନେହ କରିବ...
ସେ ପାଇଁ ବୋଧେ ଏ ତୁମ ଅନାବିଳ ତିତୀକ୍ଷା ।
ଶେଷରେ ସେ କଳା କାଗଜରେ ଖବର ପହଞ୍ଚିଲା
ମୁଁ ତୁମ ଗର୍ଭରେ ସାଇତା ତୁମରି କନ୍ୟା...
କିନ୍ତୁ କ'ଣ ପାଇଁ ମା' ତୁମ ଆଖିରେ ଏ ଅଜସ୍ର ଲୁହର ବନ୍ୟା??
କିଛି ଗମ୍ଭୀର ଅସ୍ପଷ୍ଟ କଥା ଶୁଭୁଛି ମତେ,
ବାପା ଆଉ ଜେଜେ ମା'ଙ୍କ ପରାମର୍ଶ
ଯୋଜନା ମତେ ହତ୍ୟା କରିବାକୁ,
କେତେ ଉତ୍ସୁକ ବିଚାର ବିମର୍ଷ ।
ନୀରବି ଗଲା ତୁମ କଇଁ କଇଁ କାନ୍ଦ ସହ ମନର କୋହ,
ବାପାଙ୍କ ଗାଳି ମାଡ଼ରେ, ସମ୍ପର୍କୀୟଙ୍କ ଖୁଣ୍ଟାରେ 'ପୁଅଟିଏ ଦେଇପାରୁନୁ'
ନିଥର ହୋଇଗଲା ବୋଧେ ତୁମ ଅଜନ୍ମା ଏ ଝିଅ ପାଇଁ ମୋହ !!!
ମା' ! ମୁଁ ତ ଆଖି ଖୋଲିନି ଏ ଯାଏଁ,

ସ୍ୱପ୍ନ ଆରମ୍ଭ ହେଇନି ଏ ଯାଏଁ,
ମୁଁ କଣ ଏତେ ଅଦରକାରୀ !!
ଘୋର ବିରୋଧ ମୋ ଆଗମନର,
ସମସ୍ତଙ୍କ ନିଷ୍ଠୁର ନିଷ୍ପତ୍ତି, ସାଜିବାକୁ ମୋ ହତ୍ୟାକାରୀ !!!!
ମା' ମୁଁ ଯେ ତୁମରି ଅଂଶ,
ତୁମ ଶରୀରରେ ଆଶ୍ରିତା,
କି ବିଡ଼ମ୍ବନା ନା ପରିସ୍ଥିତିର ତାଡ଼ନା
ମତେ ଜନ୍ମ ଦେବାରେ ଆଜି ତୁମେ କୁଣ୍ଠିତା...
ଆଜି ବୋଧେ ମୋର ଶେଷ ଦିନ ।
ତୁମେ କ'ଣ ସତରେ ଶୁଣୁନ ମାଆ,
ମତେ ଖୁବ ଭୟ ଲାଗୁଛି, ମୋ ଅଧା ଗଢ଼ା ହୃଦୟ ଖୁବ କମ୍ପୁଛି ।
ତୁମେ ମତେ ନିଜଠୁ ଅଲଗା କରିଦେବ, କାଟି ଫୋପାଡ଼ି ଦେବ...
ମୁଁ ପ୍ରତିବାଦ କରିପାରୁନି ମୋ ଜିହ୍ୱା ଅଶକ୍ତ,
ଏତେ ଅଲୋଡ଼ା କି ମୁଁ, ମୋ ପାଇଁ ସଭିଏଁ ଏତେ ଅନାସକ୍ତ ।
ମା' !!! ଆଉ ଅଳ୍ପ ସମୟ ପରେ ସବୁକିଛି ନୀରବିଯିବ,
ମୋ ମୁଦା ଆଖି ସ୍ୱଚ୍ଛ ଶରୀର ତୁମ ଗର୍ଭ ଅପସରି ଯିବ,
ମୁଁ ପାଲଟିଯିବି ଏକ ଆଖୋଜା ମାଂସ ପିଣ୍ଡଳା,
ଆଉ ମେଞ୍ଚେ ରକ୍ତର ଫେଣ୍ଟାଫେଣ୍ଟି ବର୍ଜ୍ୟବସ୍ତୁ କେଉଁ ଏକ ଅଜଣା ଦୂର ଡଷ୍ଟବିନରେ,
ଆଉ ବାସ କିଛି ସମୟରେ, ତୃତୀୟ ମାସର ପରିସମାପ୍ତିରେ...

ଶୁଭପଲ୍ଲବ
Read Quotes on Instagram
click here to go
ଓଡ଼ିଆ କବିତା, କାହାଣୀ, ପଢ଼ନ୍ତୁ



ପୁରୁଷ ସିଂହ: ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ

ରଚନା:
ବିଷ୍ଣୁ ମୋହନ ଅଧିକାରୀ

ସେଦିନ ଜମିଦାରୀର ଅନ୍ୟ ଏକ ଭାଗ ପୁରୀ ଜିଲ୍ଲା ଡେଲାଙ୍ଗରେ ଦିବଙ୍ଗତ ମହାନାୟକ ବିଜୁ ବାବୁଙ୍କ ପିତା ଦିୱାନ ଲକ୍ଷ୍ମୀନରାୟଣ ପଟ୍ଟନାୟକ ସହ ଉପସ୍ଥିତ ହୋଇଗଲେ ମହାରାଜ । କାରଣ, ଜାତିର ପିତାଙ୍କ ଆଗମନ ହୋଇଥାଏ, ଗାନ୍ଧିଜୀ ଉକ୍ତ ଦିନ ଦିନିକିଆ ମୌନ ବ୍ରତରେ ଥାଆନ୍ତି । କିଛି ଉପହାର ସହ ଭେଟିବାକୁ ଯାଇ, ମହାରାଜ ଗୋଟିଏ ପ୍ରଶ୍ନ କରିଲେ, "ଆପଣ ମୋ ରାଜ୍ୟକୁ ବୁଲିଆସିଥିଲେ ଏହା କିପରି ଲାଗିଲା ?" ଏକ ଛୋଟିଆ କାଗଜରେ ପେନ ସିଲରେ ଉତ୍ତରରେ ଲେଖିଗଲେ ତୁମ ରାଜ୍ୟ "ରାମ ରାଜ୍ୟ" ।

କହିବାକୁ ଗଲେ ଠିକ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ରାମଙ୍କ ଭଳି ବ୍ୟକ୍ତିଗତ ଜୀବନର ପ୍ରତି ମୁହୂର୍ତ୍ତରେ ଦୁଃଖ ସହି ପ୍ରଜା ପାଳନରେ କ୍ଷଣେ ମାତ୍ର ଅବହେଳା ନକରିଥିବା ରାଜା ଥିଲେ ମହାରାଜା କୃଷ୍ଣଚନ୍ଦ୍ର । ଜୀବନର ପ୍ରାରମ୍ଭରେ ପିତୃବ୍ୟ, ପରେ ପିତା, ଯୌବନରେ ସ୍ତ୍ରୀ ଓ ମାତା ପରେ ଜୀବନର ସାୟାହ୍ନରେ ପୁତ୍ର ଓ ଶେଷ ଅବସ୍ଥାରେ ପୁତ୍ରୀର ବିୟୋଗ ଯେ ଏତେ ଦାରୁଣ ଦୁଃଖ ଦେଇଥିଲା ହୁଏତ ଏହା ବହୁତ କମ ଲୋକଙ୍କୁ ଗୋଚର । ତଥାପି ସେ ଥିଲେ ଶତ ସିଂହ ସମ ପରାକ୍ରମୀ, ଧୈର୍ଯ୍ୟବାନ ଓ ବିଜ୍ଞ । ଜୀବନର ଝଡ଼ ଝଞ୍ଝା ଭିତରେ ସେ ସୁଖକୁ ଖୋଜିପାଇଥିଲେ ମାଟି ମା'ର ସେବା କରିବାରେରେ, ପ୍ରଜା ମୁହଁରେ ହସ ଫୁଟାଇବାରେ ।

ଆଉ ତାଙ୍କରି ଏହି ଅନନ୍ୟ ପ୍ରଚେଷ୍ଟା ହିଁ ହସ ଫୁଟାଇ ପାରିଥିଲା କୋଟି ଓଡ଼ିଆଙ୍କ ମୁହଁରେ ଏପ୍ରିଲ ପହିଲା ୧୯୩୬ ମସିହାରେ ।

ଆଜି ମହାରାଜାଙ୍କ ଜନ୍ମ ଜୟନ୍ତୀ । ଆଜକୁ ଠିକ୍ ୧୨୮ ବର୍ଷ ତଳେ ଗଙ୍ଗବଂଶୀ ନରେଶ ରାଜା ଶ୍ରୀ ଗୌରଚନ୍ଦ୍ର ଗଜପତି ଓ ମାତା ରାଧାମଣିଙ୍କ ଔରସରୁ ୨୬ ଅପ୍ରେଲ ୧୮୯୨ ମସିହାରେ ଜନ୍ମଗ୍ରହଣ କରିଥିଲେ ପୁଣ୍ୟତୋୟା ମହେନ୍ଦ୍ର ତନୟା ତଟସ୍ଥ ବାଣୀକ୍ଷେତ୍ର ପାରଳାଖେମୁଣ୍ଡି ରାଜ ନହରରେ । ପିଲାଟି ଦିନରୁ ଶିକ୍ଷା ଦୀକ୍ଷା ପାଇଥିଲେ ପଣ୍ଡିତ ଶ୍ୟାମସୁନ୍ଦର ରାଜଗୁରୁ, ଆପନ୍ନା ପଣ୍ଡା ଓ ଟେଲର ସାହେବଙ୍କ ଭଳି ଜ୍ଞାନୀ ଗୁଣୀଙ୍କ ଠାରୁ । ଆଉ ହଁ ଗଛ ଉର୍ବର ସାର ପାଇଲେ ଭଲ ଫଳିବା ତ ସୁନିଶ୍ଚିତ । ଠିକ ସେହି ଭଳି କୃଷ୍ଣଚନ୍ଦ୍ର ହୋଇଥିଲେ ବହୁପ୍ରତିଭାର ଅଧିକାରୀ ଆଉ ଦୂରଦର୍ଶୀ ।

ତେବେ, ଓଡ଼ିଆଙ୍କ ଦୁର୍ଦ୍ଦିନର ଅନ୍ଧକାରରେ କୃଷ୍ଣଚନ୍ଦ୍ର ସାଜିଥିଲେ ପୂର୍ଣ୍ଣିମାର ଚନ୍ଦ୍ର । ସେ ବାଲ୍ୟକାଳରୁ ହିଁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସ୍ୱପ୍ନ ଦେଖିଥିଲେ । ନିଜ ଗୁରୁଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ହିତୈଷିଣୀ ହେଉ କି ଗଞ୍ଜାମ ଜାତୀୟ ସମିତି । ଖଣ୍ଡ ବିଖଣ୍ଡିତ ଓଡ଼ିଶା ପ୍ରଦେଶକୁ ଏକତ୍ରିକରଣ ପାଇଁ ସେ ମନସ୍ଥ ଛୋଟବେଳୁ ହିଁ କରିଥିଲେ । ଇତି ମଧ୍ୟରେ ୯ଟି ଉତ୍କଳ ସମ୍ମିଳନୀ ହୋଇ ସାରିଥାଏ । ଉତ୍କଳ ସମ୍ମିଳନୀର ୧୦ମ ଅଧିବେଶନ ପାରଳାଖେମୁଣ୍ଡିରେ ହେଲା । ମାମୁଁ ରାଜର୍ଷି ବିକ୍ରମଦେବ ବର୍ମା ଏହାର ସଭାପତିତ୍ୱ କରିଥାନ୍ତି । "ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ" ଗଠନ କରିବା ଆବଶ୍ୟକ ବୋଲି ଗଜପତି ପ୍ରସ୍ତାବ ଦେଲେ । ମଧୁବାବୁ ଏଥିରେ ସହମତି ଦେଲେ । କିନ୍ତୁ ଏ ସମୟରେ ନୀଳକଣ୍ଠ ଦାସ କହିଥିଲେ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ପାଇଁ ପ୍ରଥମେ ଶିକ୍ଷାର ଆବଶ୍ୟକତା ରହିଛି । କିନ୍ତୁ ଏତେ ବଡ଼ ଭୂଖଣ୍ଡରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପଢ଼ିବା ଓ ପଢ଼ାଇବାର ଖର୍ଚ୍ଚ ବହନ କରିବା ସମ୍ବଳ ଉତ୍କଳ ସମ୍ମିଳନୀ ପାଖରେ ନାହିଁ । ଏହା ଶୁଣି ମହାରାଜା ଦଶହଜାର ଟଙ୍କା ତତ୍କ୍ଷଣାତ ବ୍ୟୟ କରିଥିଲେ । ଆଉ ଏହିଠାରୁ ସେ ନିଜ ରାଜକୋଷର କବାଟ ଖୋଲି ଦେଇଥିଲେ ସମଗ୍ର ଓଡ଼ିଶାର ହିତ ପାଇଁ । ଯାହା କେବେ ତାଙ୍କ ଶେଷ ନିଦ୍ରା ଯାଏଁ ବନ୍ଦ ହୋଇ ନଥିଲା ।

ଉତ୍କଳ ସମ୍ମିଳନୀ ପ୍ରଥମେ ଚାହୁଁଥିଲା କେବଳ ଓଡ଼ିଆ ଭାଷାଭାଷୀର ଏକତ୍ରୀ କରଣ ଓ ଏକଶାସନ ଅଧୀନ । କିନ୍ତୁ ଏଥିରେ ମତଦ୍ୱେଧ ଥିଲା । କେତେକ ବଙ୍ଗରେ ତ ଆଉ କେତେକ ମଧ୍ୟପ୍ରଦେଶରେ ରହିବାକୁ ଚାହୁଁଥିଲେ । ମଣ୍ଟେଗୁ ଚେମ୍ସ୍ ଫୋର୍ଡ୍ ଶାସନ ସଂସ୍କାର ବେଳେ ଓଡ଼ିଶାକୁ ବିହାରର ଏକ ଉପପ୍ରଦେଶ ଗଠନ କରିବା ଲାଗି ମସୁଧା ହୋଇ ନଥିଲେ ଏହି ସ୍ୱତନ୍ତ୍ର ପ୍ରଦେଶ ଦାବି ଆରମ୍ଭ ହୋଇ ନଥାନ୍ତା । ଆଉ ଏହା ସଫଳ ହୋଇଥିଲା ମହାରାଜାଙ୍କ ଦୃଢ଼ ମନୋବଳ ଲାଗି । ଡଫ୍‌ଙ୍କ ଉପରେ କୃଷ୍ଣଚନ୍ଦ୍ରଙ୍କ ବ୍ୟକ୍ତିଗତ ପ୍ରଭାବ ଯୋଗୁଁ ସେମାନେ ମାଦ୍ରାସ ଭାଗରେ ଥିବା ଓଡ଼ିଶାର ଦକ୍ଷିଣ ଅଞ୍ଚଳକୁ ମିଶିବା ଲାଗି ସୁପାରିସ୍ ଦେଲେ । ଏହାପରେ ୧୯୨୮ ମସିହାରେ ସାଇମନ କମିଶନ ଭାରତକୁ ଶାସନ ସଂସ୍କାର ନିମିତ୍ତ ଆସିଲେ । ଏଥିରେ ସମସ୍ତ ଇଂରେଜ ସଭ୍ୟ ଥିବାରୁ ସାରା ଦେଶ ଓ ଜାତୀୟ କଂଗ୍ରେସ ଏହାର ବର୍ଜନ କଲେ । କିନ୍ତୁ ଓଡ଼ିଶା ନିହିତ ସ୍ୱାର୍ଥ ପାଇଁ କେବଳ ଏକମାତ୍ର କୃଷ୍ଣଚନ୍ଦ୍ର Welcome Simon କହିଥିଲେ ପାଟନାର ବିହାର ଓଡ଼ିଶା ସଭାରେ । ଯାହାକି ପରବର୍ତ୍ତୀ ସମୟରେ ସି. ଆର. ଅଟଲିଙ୍କ ଓଡ଼ିଶା ଉପସମିତି ଗଠନ କରିବାରେ ସହାୟକ ହୋଇଥିଲା ।

ଖାଲି ଏତିକି ନୁହେଁ ୧୯୩୦, ୧୯୩୨ରେ ଲଣ୍ଡନରେ ଅନୁଷ୍ଠିତ ପ୍ରଥମ ଓ ତୃତୀୟ ଗୋଲଟେବୁଲ ବୈଠକରେ କେବଳ ଯେ ଓଡ଼ିଶାର ଦାବୀ ବଳିଷ୍ଠ ଭାବେ ଉପସ୍ଥାପିତ କରିନଥିଲେ । ବରଂ ବ୍ୟକ୍ତିଗତ ଭାବେ ସଭ୍ୟମାନଙ୍କୁ ଭୋଜି ଭାତ ଦେଇ ଆପ୍ୟାୟିତ କରି ସବ୍‌କମିଟିର ମତ ସେଥିରେ ଓଡ଼ିଶାର ହିତ ହେବାରେ ସାହାଯ୍ୟ କରିଥିଲେ । ଏତେ ଉଦ୍ୟମ ସତ୍ତ୍ୱେ ୧୯୩୧ ମସିହା ଓଡ଼ିଶା ସୀମା ନିର୍ଦ୍ଧାରଣ ଲାଗି ଭାରତ ସରକାର ସାର୍ ସମୁଏଲ୍ ଓଡନେଲ୍‌ଙ୍କ ଅଧ୍ୟକ୍ଷତାରେ ୩ ଜଣିଆ କମିଟି ଗଠନ କରିଥିଲେ, ସେମାନେ ଦୁଇଜଣ ଭାରତୀୟ ସଭ୍ୟଙ୍କ ମତ ବିରୁଦ୍ଧରେ ଯାଇ ମାନ୍ଦ୍ରାଜର କେତେକ ଗୋରା କର୍ମଚାରୀଙ୍କ କୁପରାମର୍ଶରେ ମହାରାଜାଙ୍କ ମତକୁ ପ୍ରତ୍ୟାଖ୍ୟାନ କଲେ । ପାରଳା ଓ ଜୟପୁର ଆଦି ଓଡ଼ିଶାରେ ମିଶିବାକୁ ଚାହାନ୍ତି ନାହିଁ ବୋଲି ଲେଖିଦେଲେ । ଯେ ସମଗ୍ର ଦେଶରେ ଛିନ୍ନ ବିଚ୍ଛିନ୍ନ ହୋଇପଡ଼ିଥିବା ରାଜ୍ୟବାସୀଙ୍କୁ ଏକତ୍ର କରିବାର ପଣ ନେଇଥିଲେ ସେ ନିଜ ଜନ୍ମମାଟି ପ୍ରତି

ଅନ୍ୟାୟକୁ ସହନ୍ତେ ବା କିପରି? ସେ ପୁନର୍ବାର ୩ୟ ଥର ପାଇଁ ଲଣ୍ଡନ ଯାଇ ପ୍ରତିବାଦର ସ୍ୱର ଲର୍ଡ୍ ଲିନଲିଥଗୋଙ୍କ ଠାରେ ପହଞ୍ଚାଇଲେ । ପ୍ରକାଶ ଥାଉ କି ଏ ସମସ୍ତ ଗସ୍ତ ଖର୍ଚ୍ଚ ସେ ନିଜ ମୁଣାରୁ ଖର୍ଚ୍ଚ କରୁଥିଲେ । ସର୍ବଶେଷରେ ମହାରଜାଙ୍କ ପରିଶ୍ରମ ଫଳପ୍ରଦ ହେଲା । କିଛି ମନ୍ଦ ବୁଦ୍ଧିଙ୍କ କୁଟିଳ ଚକ୍ରାନ୍ତ ଯୋଗୁଁ ପାରଳାର ଏକ ତୃତୀୟଂଶ ହିଁ ମିଶି ପାରିଲା ଓ ଜୟପୁରର ମଧ୍ୟ ଓଡ଼ିଶାରେ ମିଶ୍ରଣ ହେଲା ୧୯୩୬ ମସିହାରେ ।

ଇଂରେଜମାନେ ଓଡ଼ିଶା ଅଧିକାର କଲା ପରେ ରାଜାମାନଙ୍କୁ ଜମିଦାର ଭାବରେ ବ୍ୟବହାର କରୁଥିଲେ । କିନ୍ତୁ ପାରଳାଖେମୁଣ୍ଡି ରାଜବଂଶର ମହାନତାକୁ ଦେଖି କୃଷ୍ଣଚନ୍ଦ୍ରଙ୍କୁ ୧୯୧୮ରେ ବ୍ରିଟିଶ ସରକାର ରାଜା ସାହେବ ଉପାଧି ପ୍ରଦାନ କଲେ । ପରବର୍ତ୍ତୀ କାଳରେ ଗଜପତିଙ୍କ ସାହାସିକତା ଓ କାର୍ଯ୍ୟଦକ୍ଷତାକୁ ଦେଖି ୧୯୩୭ରେ ତାଙ୍କୁ "ମହାରାଜା" ଉପାଧି ଦେଲେ । ପୁଣି ସେ ପ୍ରଥମ ବିଶ୍ୱଯୁଦ୍ଧରେ କ୍ୟାପଟେନ ଭାବେ ନିଜର ଦକ୍ଷତା ପ୍ରତିପାଦନ କରିଥିବାରୁ ବ୍ରିଟିଶ ସରକାର ତାଙ୍କୁ ଦେଇଥିଲେ KCIE ଉପାଧି ।

ନବ ଉତ୍କଳର ବିଧାତାମାନଙ୍କର ଥିଲେ ସେ ଶ୍ରୀକରଣି । ମଧୁବାବୁଙ୍କ ଠାରୁ ଗୋଦାବରୀଶ, ସମସ୍ତଙ୍କ ପ୍ରିୟ ଥିଲେ ମହାରଜା । ଏଭଳି ମହାନ ବ୍ୟକ୍ତିତ୍ୱ ଓ ବହୁମୁଖୀ ପ୍ରତିଭାର ଅଧିକାରୀ ଆମ ଓଡ଼ିଶାର ପ୍ରଥମ ପ୍ରଧାନ ମନ୍ତ୍ରୀ ହେବା କିଛି ଆଶୀର୍ବାଦରୁ କମ ନଥିଲା । ୧୯୪୩ ମସିହାରେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ପ୍ରସଙ୍ଗ ଉଠିବାରୁ ଶିକ୍ଷା ବିଭାଗର କିଛି କର୍ମଚାରୀ ଗୋଦାବରୀଶ ମିଶ୍ରଙ୍କୁ ସହଯୋଗ କରିବା ପରିବର୍ତ୍ତେ ହସରେ ଉଡ଼ାଇ ଦେଲେ । ତତ୍କାଳୀନ ସଚିବ ସାମୁଏଲ୍ ଦାସ କହିଲେ, ଏଣେ ବଙ୍ଗାଳୀ ତେଣେ ତେଲେଙ୍ଗା । ବିଶ୍ୱବିଦ୍ୟାଳୟ ସ୍ଥାପନ କ'ଣ ହେବ?? ଏକଥା ଶୁଣି ମହାରାଜ କୃଷ୍ଣଚନ୍ଦ୍ର ବଡ଼ଲାଟ୍ ହାଥର୍ଣ୍ଡ ଲୁଇସ୍‌ଙ୍କୁ ଅଡ଼ି ବସିଲେ, କହିଲେ ବିଶ୍ୱବିଦ୍ୟାଳୟ ହେବ, ନଚେତ ମୁଁ ଇସ୍ତଫା ଦେବି । ଏହା ଶୁଣି ଭିଭି ଜନ୍ ୨ ଦିନରେ କଟକ ପହଞ୍ଚିଲେ । ପ୍ରାଣକୃଷ୍ଣ ପରିଜା, ବିପିନ ବିହାରୀ ରାୟ ପ୍ରଭୃତିଙ୍କ ସଙ୍ଗେ ପରାମର୍ଶ କ୍ରମେ ଶେଷରେ ବିଲ୍ ପ୍ରସ୍ତୁତ କରାଇଲେ । କେବଳ ସେତିକି ନୁହେଁ, ଜିଲ୍ଲା ସଦର ମହାକୁମାଗୁଡ଼ିକର ସ୍କୁଲକୁ କଲେଜରେ ପରିଣତ କରାଇଥିଲେ । ଏହାପରେ

କଟକ ମେଡ଼ିକାଲ କଲେଜ ପ୍ରତିଷ୍ଠା, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ଓ ବିଭିନ୍ନ କଲେଜରେ ସ୍ନାତକୋତ୍ତର ବିଭାଗ ଉଚ୍ଚ ଶିକ୍ଷା ନିମିତ୍ତ ବ୍ୟବସ୍ଥା କରାଇଥିଲେ । ଏତିକିବେଳେ ବ୍ରହ୍ମପୁର ସୀମା କମିଟିର ସଭାପତି ସବ୍‌ଜଜ୍ ଗଣେଶ ମହାପାତ୍ରଙ୍କ ଲେଖା ମନେ ପଡ଼ିଯାଏ ।

"କୃଷ୍ଣଚନ୍ଦ୍ର ଗଜପତି କୀରତି ଅମର
ଅଟନ୍ତି କେବଳ ନିଜେ ନିଜ ପଟାନ୍ତର
ତାଙ୍କ କାର୍ଯ୍ୟ ବର୍ଣ୍ଣନା କରେଣ ଭାଷା ନାହିଁ
ଶେଷ, ସରସ୍ୱତୀ କ୍ଷମତା ବର୍ଣନା ପାଇଁ
ଶ୍ୱେତଦ୍ୱୀପେ ଜନନୀର ଦେଇ ପରିଚୟ
ହେ ବିଜୟୀ ବୀର, ଅର୍ଜି ଆଣିଲ ବିଜୟ ॥"

କେବଳ ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଏହାର ପରିଚାଳନାରେ ଧୁରୀଣ ନଥିଲେ । ସେ ଥିଲେ ଓଡ଼ିଆ ସାହିତ୍ୟର ପୃଷ୍ଠପୋଷକ । ପୂର୍ବଜ ମହାରଜା ଜଗନ୍ନାଥ ନାରାୟଣ ଦେବ ୨ୟ, ଜଗନ୍ନାଥ ଗଜପତି ଦେବ ୨ୟ, ପ୍ରତାପ ରୁଦ୍ର ଦେବ ୨ୟ ଭଳି ନରପତିମାନେ କାଳ କାଳ ଧରି ଉକ୍ତ ରାଜବଂଶରେ ଓଡ଼ିଆ ସାହିତ୍ୟର ଶ୍ରୀ ବୃଦ୍ଧି କରିଆସିଥିଲେ, ତାହାର ପଟାନ୍ତର ନାହିଁ । ଆଉ ତାଙ୍କରି ସୁଯୋଗ୍ୟ ସନ୍ତାନ ଏହି ଧାରାକୁ ବନ୍ଦ ବା କିପରି କରିଥାନ୍ତେ । ସେ ଗୁରୁଜନମାନଙ୍କ ସମସ୍ତ କାବ୍ୟ ସମ୍ଭାର ଓ ରଚନାକୁ ନିଜ ପ୍ରେସରେ ପ୍ରକାଶନ କରିଥିଲେ । ୧୭୬୭ର ଶ୍ରୀ ବୃନ୍ଦାବନ ଚନ୍ଦ୍ର ବିହାର ହେଉ କି କବିକଳହଂସ ଗୋପାଳକୃଷ୍ଣଙ୍କ ପଦ୍ୟାବଳୀ ସବୁ ଅମୂଲ୍ୟ ରତ୍ନର ପୁନଃ ଜୀବନ୍ୟାସ ଦେଇଥିଲେ ମହାରଜା । ତାଙ୍କରି ସମୟରେ ଗୌରହରି ପଦ୍ୟାବଳୀ, ହରିବନ୍ଧୁ ପଦ୍ୟାବଳୀ, ପଦ୍ମନାଭ ଦେବ ରଚିତ ଭାବବତୀ, ଗୌରଚନ୍ଦ୍ର ଲିଖିତ ଉଷା ପରିଣୟ, ଧ୍ରୁବ ନାଟକର ନବ ଜୀବନ ଦେଇଥିଲେ । ସେ ଏକାଧାରରେ ସୁ-ଲେଖକ ମଧ୍ୟ ଥିଲେ । ରାଜ୍ୟ ଓ ରାଜକାର୍ଯ୍ୟର ବିବରଣୀ ଓ ଗଜପତି ଇତିହାସକୁ ନେଇ ଏକ ବହି My Samasthanam ବୋଲି ଏକ ପୁସ୍ତକ ରଚନା କରିଥିଲେ ।

ଏହା ଛଡ଼ା ସ୍ୱ-ଇଚ୍ଛା କ୍ରମେ ଗୁରୁ ଶ୍ୟାମସୁନ୍ଦର ବିରଚିତ ପ୍ରବନ୍ଧାବଳୀ, ଦଶମାଳିକା ତତ୍ତ୍ୱବୋଧନୀ ଆଦି ଗ୍ରନ୍ଥର ମୁଦ୍ରଣ କରିଥିଲେ । "ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ"ର ୫ମ ଖଣ୍ଡ, ଶବ୍ଦତତ୍ତ୍ୱବୋଧ ଅଭିଧାନ, ଓଡ଼ିଆ ଭାଷା ତତ୍ତ୍ୱ, ଚିନ୍ତାମଣି ଗ୍ରନ୍ଥାବଳୀ, ମହେନ୍ଦ୍ର ଓ ନୃତ୍ୟ ରାମାୟଣ ଭଳି ବିଖ୍ୟାତ ଗ୍ରନ୍ଥକୁ ଆଲୋକକୁ ଆଣିବା ପାଇଁ ଆର୍ଥିକ ସାହାଯ୍ୟ କରିଥିଲେ । ଓଡ଼ିଆ ଭାଷାର ପ୍ରଥମ ଅଭିଧାନ ରଚନା ପାଇଁ ଅର୍ଥ ସାହାଯ୍ୟ କରିବା ସହ ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମାଙ୍କୁ ସ୍ୱବୈତନିକ ଅଧ୍ୟାପନା କାର୍ଯ୍ୟରୁ ଛୁଟି ଦେଉଥିଲେ । ଏଥିସହିତ କୃଷି ଓ ଜଳସେଚନରେ ଉନ୍ନତି ସାଧନ ନିମିତ୍ତ କୃଷ୍ଣଚନ୍ଦ୍ର ସାଗର, ନଳିନୀ କୃଷ୍ଣ ସାଗର ଭଳି ବିରାଟ ସାଗର ଖନନ କରାଇଥିଲେ । ରୟାଲ ଏଗ୍ରିକଲ୍‌ଚର୍ ସଭ୍ୟ ଭାବେ ବାର୍ଷିକ ଆର୍ଥିକ ସହାୟତା, କୋୟମ୍ବତୁର୍ କୃଷି ମହାବିଦ୍ୟାଳୟର ଉପଦେଷ୍ଟା ରୂପେ ଦକ୍ଷିଣ ଭାରତରେ ଉନ୍ନତ କୃଷି ନିମିତ୍ତ ଅର୍ଥ ଦାନ କରୁଥିଲେ । ମହାରଜା ବାଳକ, ବାଳିକା ବିଦ୍ୟାଳୟ ଭଳି ଅନେକ ଶିକ୍ଷାନୁଷ୍ଠାନର ନିର୍ମାଣ ଓ ବାର୍ଷିକ ଖର୍ଚ୍ଚ ତୁଲାଉ ଥିଲେ । ନାରୀ ଶିକ୍ଷା ପାଇଁ ଏକ ଭବ୍ୟ ଉଚ୍ଚବିଦ୍ୟାଳୟ ନିର୍ମାଣ କରାଇ ସେ ସମୟରେ ଓଡ଼ିଆ ବାଳିକାଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବାରେ ଚେଷ୍ଟା କରିଥିଲେ । ଏଥି ସହ ସଂସ୍କୃତ ମହାବିଦ୍ୟାଳୟର ଉନ୍ନତି ପାଇଁ ଅନେକ ଅର୍ଥ ଦାନ କରିଥିଲେ । ତା'ଛଡ଼ା ୯୬୬୪ ଏକର ଜମି ମଠ ଓ ମନ୍ଦିର ଚାଳନା ପାଇଁ ଦାନ କରିଥିଲେ ।

ବାସ୍ତବରେ ଉତ୍କଳର ଗୌରବ ଯଦି ମଧୁସୁଦାନ ଦାସ ହୁଅନ୍ତି, ସେହି ଗୌରବର ଉତ୍ତରାଧିକାରୀ ହେବେ ଉତ୍କଳର ବରପୁତ୍ର କୃଷ୍ଣଚନ୍ଦ୍ର ଗଜପତି । ଯେତେବେଳେ ସ୍ୱାଧୀନ ଚିନ୍ତା ଓ ମତ ନିର୍ଭୀକ ଭାବରେ ବ୍ୟକ୍ତ କରିବାରେ ଉତ୍କଳ ଗୌରବଙ୍କ ଭଳି ବ୍ୟକ୍ତିତ୍ୱ ପୂର୍ବ ଭାରତରେ ବିରଳ । ଅପର ପକ୍ଷରେ ଉଦାରତା, ଉତ୍ସର୍ଗୀକୃତ କର୍ମତତ୍ପରତା, ଆହେତୁକ ନିଷ୍ଠା ଓ ସର୍ବୋପରି ଉତ୍କଳର ଗୌରବ ବୃଦ୍ଧି ନିମିତ୍ତ ସାଙ୍ଗଠନିକ ଦକ୍ଷତାକୁ କୃଷ୍ଣଚନ୍ଦ୍ରଙ୍କ ସହ କେହି ସରି ହେବ ନାହିଁ, ଏହା ନିଃସନ୍ଦେହ । ବିପୁଳ ସମ୍ପତ୍ତିର ଅଧିକାରୀ ହୋଇ ମଧ୍ୟ ସେ ନିଜର ଭୋଗ ବିଳାସରେ ତାକୁ ବ୍ୟୟ ନକରି ଜୀବନକୁ ନିରାଡ଼ମ୍ବର ଓ ସୁସଂଯତ ଭାବରେ ଗଢ଼ି ତୋଳି ଥିଲେ, କେବଳ ଏ ଜାତି ଓ ତା'ର ସ୍ୱତନ୍ତ୍ରତା ନିମିତ୍ତ ।



ହାଏରେ ଠାକୁର

ଡ. ସଚିନ ଷଡ଼ଙ୍ଗୀ

ସତରେ କ'ଣ ତୁ ଜାଣିନୁ
ମୋ ମନର ଅବିଶ୍ରାନ୍ତ କୋହକୁ
ଆଉ ତୋ' ପ୍ରତି ଅହେତୁକ ଆବେଗକୁ;
ଅବୁଝାର ମନ ନେଇ
ଖାଲି ବୁଝିବାର, ଖାମ୍‌ଖିଆଲି ଢଙ୍ଗରେ
ବଲ ବଲ ଚାହିଁ ଥାଉ
ସତେ ଯେମିତି, ସବୁ କିଛି ବୁଝିଛୁ
ଆଉ ବୁଝି ସାରି, ସବୁ କିଛି କରୁଛୁ ।

ସେଦିନ ମୁଁ କ'ଣ, ଭୁଲ କରିଥିଲି?
ମୋ ଡାକ ନ ଶୁଣି,
ମୋ ମନକୁ ଠିକରେ ନ ପଢ଼ି
ଏତେ ବଡ଼ ପାହାଡ଼ ପରା ବୋଝ
ମୋ ମୁଣ୍ଡରେ, ଥୋପି ଦେଲୁ, ପାରିବାର ଭାବି?

ଥରୁଟିଏ ଭାବିଲୁନି,
ମୋ ମନର ଶୋକାଗ୍ରସ୍ତ ଆବେଗକୁ
ଆଉ ଶଙ୍କାଗ୍ରସ୍ତ ବିଚାରକୁ, କୋହକୁ ।

ତୋ ପାରିବା ପଣିଆ
ସମସ୍ତଙ୍କୁ, ଜଣା
ତୋ' ପାଇଁ, ମୁଁ କିଛି, ନୂଆ ନୁହେଁ
ମୋ ମନର, ଟିକ୍‌ନିକ୍ କଥା
ତୋତେ ଜଣା, ଭଲ ଭାବେ ଜଣା
ତଥାପି, ଲୋକ ଦେଖାଣିଆ ମଣି
ଦମ୍ଭରେ, ଦର୍ପରେ... ବୋଧେ ସ୍ନେହରେ,
ବିଶ୍ୱାସର ନଭଶ୍ଚୁମ୍ବୀ ଉନ୍ମାଦକୁ, ଲଦି ଦେଲୁ ।

ଠିକ ଅଛି,
ମୁଁ ବି ପାରିବି, ନିଶ୍ଚେ ପାରିବି
ତୋ'ର କାଳଜୟୀ ବିଶ୍ୱାସ
ଦମ୍ଭ, ଦର୍ପ ଆଉ ସ୍ନେହର
ଅନନ୍ତ ପରିସୀମାକୁ
କଳିବାକୁ ଚେଷ୍ଟା ବି କରିବିନି
ଆଖିରେ ବିଶ୍ୱାବସୁର ପଟି ବାନ୍ଧି
ତୋ କଳ୍ପିତ ଇସାରାକୁ ମାନିବି, ମାନୁଥିବି...

ଶୁଭପଲ୍ଲବ
Listen Stories on YouTube
click here to go
ଓଡ଼ିଆ କବିତା, କାହାଣୀ, ଶୁଣନ୍ତୁ



ଅଙ୍କା ବଙ୍କା ନଈ

ପ୍ରୀତିରଞ୍ଜନ ନାୟକ

ଏ ରାସ୍ତା ନୁହେଁ ପରା
ଏକ ଅଙ୍କା ବଙ୍କା ନଈ,
ମୁଁ ଯେ ଡିଏଲ୍ ଧାରି
ନାବରେ ପରାକାଷ୍ଠା ନାହିଁ ।

ଏ ଜୀବନ ଡଙ୍ଗାରେ
ପୁରା ଅସହାୟ ହୋଇ,
ଖୋଜେ ମୁଁ ସାହାରା ହେଲେ
ସାଥୀ କେହି ନାହିଁ,
ଏ ରାସ୍ତା ନୁହେଁ ପରା
ଏକ ଅଙ୍କା ବଙ୍କା ନଈ ।

ବନ୍ଧୁର ରାସ୍ତାରେ ସିନା
ଗାଡ଼ି ଚଳେଇଛି ମୁହିଁ,
ଏ ଜଳାର୍ଣ୍ଣବ ପଥ ସତେ
କଷ୍ଟ ଦେଉଥାଇ,
ଏ ରାସ୍ତା ନୁହେଁ ପରା
ଏକ ଅଙ୍କା ବଙ୍କା ନଈ ।

ଝଡ଼ ତୋଫାନର ଭୟ
ଛାତି ଦୁଲୁକାଇ ଦେଇ,
ଲହଡ଼ି ଆଉ କୁମ୍ଭୀର
ଭୟ ଦେଉ ଥାଇ,
ଏ ରାସ୍ତା ନୁହେଁ ପରା
ଏକ ଅଙ୍କା ବଙ୍କା ନଈ ।

ଆସିଗଲି ରାସ୍ତା ଛାଡ଼ି
ତୁମରି ସାହସ ପାଇ,
ଉଭା ହେଲ କେମିତି ଯେ
ମଝି ନଈରେ ଛାଡ଼ିଦେଇ,
ଏ ରାସ୍ତା ନୁହେଁ ପରା
ଏକ ଅଙ୍କା ବଙ୍କା ନଈ ।

ଇସ୍, ଏ ନାବରେ ଯେ କଣା
ପାଣି ପସେ ଭୁସ୍ ଭାସ୍ ହୋଇ,
ଏଡ଼େ ଯେ ନିଷ୍ଠୁର ତମେ
ଚଢ଼େଇଲ ଫୁଟା ଡଙ୍ଗା ନେଇ,
କେମିତି ଫେରିବି ମୁହିଁ
ବାଟ ଦିଶୁନାହିଁ,
ଏ ରାସ୍ତା ନୁହେଁ ପରା
ଏକ ଅଙ୍କା ବଙ୍କା ନଈ ।



ଭଗବାନ ତମେ ବି ଭୁଲ

ସୁଶ୍ରୀ ସଂଗୀତା ପ୍ରିୟଦର୍ଶିନୀ

ଏ କାହାଣୀର ନାଁ ଶୁଣି ଆପଣମାନଙ୍କୁ ଲାଗୁଥିବ ଏମିତି କେବେ କ'ଣ ହେଇପାରେ, ଯୋଉଠି ଭଗବାନ ବି ଭୁଲ ହେଇପାରନ୍ତି ! ଆଉ ତା'ଠୁ ଆଶ୍ଚର୍ଯ୍ୟର କଥା, କିଏ ସେ ମଣିଷ ଯେ ଭଗବାନଙ୍କୁ ଭୁଲ କହୁଛି? ନିହାତି ତା' ମନରେ ବହୁତ ପାପ ଭରିକି ରହିଥିବ । ଏ କାହାଣୀ କାହା କଳ୍ପନାର ନୁହଁ, ଏ କାହାଣୀ ହେଉଛି ଗୋଟେ ଫୁଲ ପରି ନିଷ୍ପାପ ହୃଦୟ ଥିବା ଛୋଟ ଝିଅର ଜୀବନ କାହାଣୀ । ଯେଉଁଟି ସେ ଭଗବାନଙ୍କୁ ଭୁଲ କୁହେ ଆଉ ଦୋଷାରୋପ କରେ ଯେ ସେ କାଳେ ତାଙ୍କ କର୍ତ୍ତବ୍ୟର ବହୁତ ଅବହେଳା କରୁଛନ୍ତି । ଆହୁରି କୁହେ ବହୁତ ପାତରଅନ୍ତର କରୁଛନ୍ତି ଆଉ ବୁଝିବାର ଶକ୍ତି ଟିକେ ହେଲେ ବି ନାହିଁ ତାଙ୍କର । ସେଦିନ ଯେବେ ତାକୁ କାନ୍ଦି କାନ୍ଦି ଭଗବାନଙ୍କୁ ଗାଳି କରୁଥିବାର ଦେଖିଲି, ମୋ' ପାଦ ବି ସେଇଟି ଅଟକିଗଲା କିଛି କ୍ଷଣ । ବୁଝିପାରୁନଥିଲି କଣ କହି ତା' ମନକୁ ସାନ୍ତ୍ୱନା ଦେବି ।

କେତେ ବା ବୟସ ହେବ ତାକୁ, ଏଇ ୭-୮ ବର୍ଷର ଛୋଟ ଝିଅ । ଥରେ ଚାହିଁଦେଲେ, ତା' ମୁଣ୍ଡକୁ ଟିକେ ନ ଆଉଁସି ରହିହେବନି । ତା' ବିଷୟରେ ଶୁଣିଲେ କୋଉବି ହୃଦୟବାନ ମଣିଷ ତା' ଆଗରେ ମୁଣ୍ଡନୁଆଇଁ ହିଁ ରହିବ । ସେଦିନ ସେ ଟିଭିରୁ


ନ୍ୟୁଜ ଶୁଣିଛି କାଳେ ସାରା ପୃଥିବୀକୁ କେଉଁ ଏକ ଭୟଙ୍କର ରୋଗ ମାଡ଼ିଆସିଛି । ତା' ନାଁ ପୁଣି କୋରନା । ସେବେଠୁ ସବୁଦିନ ଟିଭିରେ ଶୁଣୁଛି ପ୍ରତିଦିନ ଲକ୍ଷଲକ୍ଷ ଲୋକ ଆକ୍ରାନ୍ତ ହେଉଛନ୍ତି ଆଉ ହଜାର ହଜାର ମରିଯାଉଛନ୍ତି । ବୈଜ୍ଞାନିକମାନେ ଔଷଧ ବାହାର କରିପାରୁନାହାନ୍ତି ବୋଲି ତା' ମା'ଠୁ ଶୁଣିଛି । ଏ ଖବର ଶୁଣି ତା' କଅଁଳ ହୃଦୟଟା ଭାଙ୍ଗି ପଡ଼ିଥିଲା, କ'ଣ କରିବ ବୁଝିପାରୁନଥିଲା । ଯେତେବେଳେ ଭାବୁଥିଲା ସେଇମାନଙ୍କ କଥା ଯୋଉ ମଣିଷ ମାନେ ମରିଯାଉଛନ୍ତି, ତା' ଛାତି ଭିତରଟା କେଜାଣି କେଉଁ ଅଜଣା ଶିହରଣରେ ଥରିଯାଉଥିଲା । ଏମିତି ଭାବି ଭାବି ଶେଷରେ ନିଷ୍ପତି ନେଲା ଭଗବାନଙ୍କ ପାଖକୁ ଯାଇ ଗୁହାରି କରିବ । କାରଣ ତା' ମା'ଠୁ ଛୋଟବେଳୁ ଶୁଣିଛି ଭଗବାନ ସବୁ ଜାଗାରେ ଅଛନ୍ତି । ଛୋଟ ପ୍ରହ୍ଲାଦକୁ ପୁଣି ସେ ହିଁ ତ ରକ୍ଷା କରିଥିଲେ ନରସିଂହ ରୂପରେ ! ହେଲେ ଗୋଟିଏ ଚିନ୍ତା ତା'କୁ ଖାଇ ଯାଉଥିଲା । ତା' ମା' କହୁଥିଲା ମଣିଷମାନେ ପ୍ରକୃତି ଉପରେ କାଳେ ବହୁତ ଅତ୍ୟାଚାର କରିଛନ୍ତି ଆଉ ସେଥିପାଇଁ ପ୍ରକୃତି ମା' ଆଉ ଭଗବାନ ରାଗିଛନ୍ତି ମଣିଷମାନଙ୍କ ଉପରେ । ସେଇଥିପାଇଁ କୁଆଡ଼େ ମଣିଷମାନେ ଏମିତି ମରିଯାଉଛନ୍ତି । ତଥାପି ମନରେ ଆଶାରଖି ଭଗବାନଙ୍କ ପାଖକୁ ଯିବାକୁ ବାହାରିଲା । କାରଣ ସେ ନିଜେ ଯେବେଠୁ ଏ ଦୁନିଆକୁ ଟିକେ ଟିକେ ବୁଝିଛି, ପ୍ରକୃତିର ପ୍ରତିଟି ଉପାଦାନକୁ ହୃଦୟର ସହ ଭଲ ପାଇଛି । କେବେ ବି କାହାକୁ କଷ୍ଟ ଦେଲା ପରି କିଛି କାମ କରିନି । କେହି ଯେବେ କୋଉ ଗଛକୁ ଟିକେ ହାଣି ଦେଉଥିଲେ ତା' ଆଖିରୁ ଆପେ ଆପେ ଲୁହ ଝରିଛି । ନ ହେଲେ ସେଦିନ ସେ ଫୁଲଗଛଟିକୁ ତା' ବାପା ହାଣିଦେଲେ ବୋଲି ଦୁଇ ଦିନ ଚୁଷି ନଥାନ୍ତା କି ଖାଇନଥାନ୍ତା ! କେତେ ମନେ ନ ପକେଇଛି ସେ ଗଛଟା କଥା !! ବାଡ଼ିର ସବୁ ଗଛ ସଙ୍ଗେ ତା'ର ସାଙ୍ଗ, ଆଉ ସେଥିପାଇଁ ତା ମା' କୁହେ ପାଗେଳୀଟା କ'ଣ ଯାଇକି ଚୁପ ଚୁପ ସେ ଗଛମାନଙ୍କ ସହ କଥା ହଉଛି । ସେ କିନ୍ତୁ ଖୁସି ହୁଏ । ତାକୁ ଲାଗେ ସେ ଗଛମାନେ ତା' କଥା ବୁଝିପାରୁଛନ୍ତି ଆଉ ଆଖି ମିଟି ମିଟି କରି ତାକୁ ଦେଖି ହସୁଛନ୍ତି । ନଦୀର ଶୀତଳ ଜଳକୁ କେତେଥର ତା'

ମଥାରେ ବୋଳି ଅସରନ୍ତି ଖୁସି ପାଇଛି, ଛୋଟଛୋଟ ଚଢ଼େଇମାନଙ୍କୁ ସବୁଦିନ ସକାଳୁ ଦାନା ଦେଇଛି ଖାଇବାକୁ । ପିମ୍ପୁଡ଼ି ଆଉ ଜନ୍ଦା ଉପରେ ବି ପାଦ ପକେଇ ମାରିବନି ବୋଲି ବହୁତ ଯତ୍ନର ସହ ପାଦ ପକାଇ ବାଟ ଚାଲିଛି ତ କେତେଥର ଆହତ ପଶୁପକ୍ଷୀଙ୍କ ସେବାକରି ତାଙ୍କୁ ଭଲ କରିଛି ।

ଏମିତି ମନେ ପକେଇ ଭାବିଲା, "ମୁଁ ତ ପ୍ରକୃତି ସାଥେ କେବେ ବି ଅନ୍ୟାୟ କରିନି ଆଜିଯାଏ । ତା' ହେଲେ ପ୍ରକୃତି ମା' ଆଉ ଭଗବାନ ମୋ ଉପରେ ରାଗିନଥିବେ । ମୁଁ ଗୁହାରି କଲେ ନିଶ୍ଚୟ ଶୁଣିବେ ।" ସେଥିପାଇଁ ସକାଳୁ ସକାଳୁ ବାହାରି ଯାଇ ଗୋଟେ ନିର୍ଜନ ଜାଗାରେ ବସି ଭଗବାନଙ୍କୁ ପ୍ରାର୍ଥନା କଲା । ସେ ଶୁଣିଛି ପ୍ରାର୍ଥନାରେ କାଳେ ବହୁତ ଶକ୍ତି ଯାହା କି ଅସମ୍ଭବକୁ ମଧ୍ୟ ସମ୍ଭବ କରିପାରିବ । ସେ କୋମଳ ହୃଦୟରେ ଭକ୍ତିର ପ୍ରଦୀପ ଜଳାଇ ସେମିତି ପ୍ରାର୍ଥନା କରୁଥାଏ ସାରା ସୃଷ୍ଟିର ମଙ୍ଗଳ ପାଇଁ । ଯେଉଁଠି ଆମ ପୃଥିବୀର ବିଜ୍ଞ ମଣିଷମାନେ ବୃଥା ପ୍ରଳାପରେ ବ୍ୟସ୍ତ, ସେଇ ସମୟରେ ଛୋଟିଆ ଝିଅଟିଏ ପୃଥିବୀର ମଙ୍ଗଳ ପାଇଁ ନ ଖାଇ ନ ପିଇ ଭଗବାନଙ୍କ ପାଖେ ନିରନ୍ତର ପ୍ରାର୍ଥନା କରୁଥିଲା । ଏମିତି ଦୁଇ ଦିନ ବିତିଗଲା, ଘରଲୋକ ବିବ୍ରତ ହୋଇ ସବୁଆଡ଼େ ଖୋଜିବୁଲିଲେ ଆଉ ତାକୁ ଏମିତି ଅବସ୍ଥାରେ ପାଇଲେ ଦେଖିଲେ ଆଖିରେ ଲୁହ ରହିବନି । ବିଚାରି ଭଗବାନଙ୍କ ନାମ ଜପିଜପି ଆଖିର ଲୁହରେ ନିଜକୁ ଭିଜେଇ ଲୋଟିପଡ଼ିଛି ଭୂଇଁରେ । ବେହୋସ ହୋଇ ସେଇ ସ୍ଥାନରେ ପଡ଼ିଛି ଏକା ଏକା ।

ଭାଗ୍ୟବଳରେ ତାକୁ ଠିକ ସମୟରେ ଉଦ୍ଧାର କରାଯାଇଥିବାରୁ ଜୀବନ ତ ବଞ୍ଚିଗଲା, ହେଲେ ସେ ଯେତେବେଳେ ଆଖିଖୋଲି ଚାହିଁଲା ଆଉ ଜାଣିବାକୁ ପାଇଲା ସେ ଭୟଙ୍କର ରୋଗରେ ଏବେ ବି ସାରା ପୃଥିବୀ କବଳିତ, ଏବେ ବି ମଣିଷମାନେ ମରିଯାଉଛନ୍ତି ପ୍ରତି ମୁହୂର୍ତ୍ତରେ, ସେତେବେଳେ ସେ କାନ୍ଦି କାନ୍ଦି କହୁଥିଲା, "ମା' ! ତମେ ତ କହୁଥିଲ ଭଗବାନ ପ୍ରାର୍ଥନା କଲେ ଡାକ ଶୁଣିବେ, ହେଲେ କାହିଁକି ମୋ ଡାକ ଶୁଣିଲେନି? ମୁଁ ତ କେବେ ବି ପ୍ରକୃତି ମା' ଉପରେ ଅତ୍ୟାଚର କରିନି । ତା' ହେଲେ ଏମିତି କଷ୍ଟ ମୋତେ କାହିଁକି

ଦେଉଛନ୍ତି? ମୋରି ପରି ଛୋଟଛୋଟ ପିଲାମାନେ ଅକାରଣରେ ମରିଯାଉଛନ୍ତି କ'ଣ ପାଇଁ? ସେମାନେ ବି କ'ଣ ପ୍ରକୃତି ମା'କୁ କଷ୍ଟ ଦେଇଛନ୍ତି?? ଭଗବାନ ପରା ଭକ୍ତିରେ ଡାକିଲେ ସବୁ ଶୁଣିପାରନ୍ତି, ତା'ହେଲେ କାହିଁକି ଶୁଣିଲେନି ସେ ମୋ ଡାକ? ମା' ! ତାହେଲେ ତମେ ଯୋଉ ଗୀତା ଭାଗବତର କଥା କୁହ, ସେସବୁ କ'ଣ ମିଛ?? ଯଦି ମିଛ ନୁହଁ ତା'ହେଲେ ଭଗବାନ ବି ଭୁଲ । ସେ ଯଦି କ୍ଷମାମୟ ତା'ହେଲେ ଏ ମଣିଷ ସମାଜକୁ କ୍ଷମା କାହିଁକି କରିଦଉନାହାନ୍ତି? ତାଙ୍କର ଯଦି ବିଶାଳ ହୃଦୟ ତା'ହେଲେ ସେ କ୍ଷମାପୂର୍ଣ୍ଣ ଆଖିରେ ଥରେ ଏ ଦୁନିଆକୁ କାହିଁକି ଚାହୁଁନାହାନ୍ତି? କାହିଁକି ଏତେ ଦହଗଞ୍ଜ ହେଇ ତିଳ ତିଳ ହେଇ ମଣିଷ ମରୁଛି? ଠାକୁର ପରା ସବୁ ବିପଦରୁ ଉଦ୍ଧାର କରନ୍ତି, ତା'ହେଲେ କାହିଁକି ବୈଜ୍ଞାନିକ ଆଉ ଡାକ୍ତରମାନଙ୍କୁ ବୁଦ୍ଧି ଦେଉନାହାନ୍ତି ଏ ରୋଗର ନିରାକରଣ ପାଇଁ? ମା' ଲୋ ! ଯଦି ତମେ ଯାହା କହିଥିଲ ସେସବୁ ଯଦି ଠିକ, ତା'ହେଲେ ଭଗବାନ ଏମିତି ଅନ୍ୟାୟ କାହିଁକି କରୁଛନ୍ତି? ଭଗବାନ ବି ଭୁଲ କରୁଛନ୍ତି ମା । ଏତିକି କହି ରାହା ଧରି କାନ୍ଦୁଥିଲା କୁନି ଝିଅଟି । ତା' ମାଆଙ୍କ ପାଖରେ କିଛି ଶବ୍ଦ ନଥିଲା ତାକୁ ସାନ୍ତ୍ୱନା ଦେବାକୁ । ସେ ବି ତା' ସହିତ କହୁଥିଲେ, "ହଁରେ ମାଆ ଭଗବାନ ବି ବେଳେ ବେଳେ ଭୁଲ କରନ୍ତି..."



Read Reviews

ଶୁଭପଲ୍ଲବ ପ୍ରକାଶନର ପ୍ରଥମ ଇ-ବୁକ୍ ଗତ ପଣା ସଂକ୍ରାନ୍ତି ଅବସରରେ ପ୍ରକାଶ ପାଇଯାଇଛି । ନିର୍ମଳ ନାୟକଙ୍କ ରଚିତ ୩୦ ଗୋଟିଏ କବିତାର ସମ୍ଭାରକୁ ନେଇ ଏହି ଇ-ବୁକ୍‌ଟି ଆମର ଶୁଭପଲ୍ଲବରେ ଉପଲବ୍ଧ ହେଉଛି ।

Buy Now!



ମୁଁ ଯେ ଅଭିନୟ କରୁଥିଲି

ଶୁଭଙ୍କର ଶତପଥୀ

ଜୀବନ ଯୌବନ ପ୍ରକୃତିର ଖେଳ, ବୃଦ୍ଧ ଅବସର ନେଲି ।
ମୁଁ ଯେ ଅଭିନୟ କରୁଥିଲି, ମୁଁ ଯେ ଅଭିନୟ କରୁଥିଲି ॥

କୈଶୋର ନଦୀକୂଳ ଲଘୁ ଥିଲା, ବଳ ଯେତେ ସାଇତିଲି ।
ପରାକ୍ରମର ଦ୍ୱାହି ଦେଇକି, ଅହଂକାରେ ବୁଡ଼ିଗଲି ॥

ସ୍ୱାର୍ଥ ପର ମୋର ମନକୁ ନେଇକି, ମିଛ ମୁଁ କହି ଚାଲିଲି ।
ମୁଁ ଯେ ଅଭିନୟ କରୁଥିଲି, ମୁଁ ଯେ ଅଭିନୟ କରୁଥିଲି ॥

ପାଷାଣ ପରିକା ହୃଦୟ ମୋହର, ଅନ୍ୟାୟ କେତେ ଦେଖିଲି ।
କ୍ରୁରତା ମନକୁ ମାପ କାଠି କରି, ଜ୍ଞାନ ଜ୍ୟୋତି ଲିଭାଇଲି ॥

କର୍ମ ବିପରୀତ ଅଧର୍ମ କରିଣ, ନିଜ ଧର୍ମ ନାଶ କଲି ।
ମୁଁ ଯେ ଅଭିନୟ କରୁଥିଲି, ମୁଁ ଯେ ଅଭିନୟ କରୁଥିଲି ॥


ଦୁଃଖୀରଙ୍କିଙ୍କର ସେବା ମୁଁ କରିନି, ଜୀବ ଅପଚୟ କଲି ।

ବେସାହାରାଙ୍କର ସାହା ନହୋଇ, କେତେ ଜାତନା ମୁଁ ଦେଲି ॥

ସହନଭୂତିର ପରିଭାଷା ହୀନ, ଜୀବନ ମୁଁ ଜୀଉ ଥିଲି ।
ମୁଁ ଯେ ଅଭିନୟ କରୁଥିଲି, ମୁଁ ଯେ ଅଭିନୟ କରୁଥିଲି ॥

ସମୟ ଆସିଲା, ଭରମ ଟୁଟିଲା, ବଳ ଦୁର୍ବଳ ହେଲା ।
ବନ୍ଧୁ ପରିଜନ ପାଖ ନ ମାଡ଼ିଲେ, ଜୀବନ ମୋ ଏକା ହେଲା ॥

କଙ୍କାଳ ସାଜିଲି, ନିଆଁରେ ଜଳିଲି, ମାଟିରେ ମୁଁ ମିଶିଗଲି ।
ମୁଁ ଯେ ଅଭିନୟ କରୁଥିଲି, ମୁଁ ଯେ ଅଭିନୟ କରୁଥିଲି ॥



1st Odia Book
Available on Kindle

Buy Now!



Odia Vlogs on YouTube
Odia Vlogger Gapu
click here to go




ପ୍ରେମ ପଣତ ତଳେ

ଆଶୁତୋଷ ମେହେର

କହିବି କହିବି ଓଠେ ରହିଗଲା
ହୃଦୟ ତଳର ଆଶା,
ଶୁଣିବି ଶୁଣିବି କାନେ ଅଟକିଲା
ପ୍ରେମ ସୁମଧୁର ଭାଷା ।

ଚାହିଁ ଚାହିଁ ଚାହିଁ ଆଖିରେ ମରିଲା
ଲହୁ ହୁଏ ଲୁହ ଧାର,
ଏକାକୀ ଏକାକୀ ଚାତକ ପରାଣେ
ଠିଆ ସମୟର ଭାର ।

ଏମିତି ଏମିତି ସରିଯାଉ ଦିନ
ଆଶାର ସମାଧି କୋଳେ,
ବାସନା ବାସନା ପ୍ରେମ ମହକରେ
ତୁମରି ପଣତ ତଳେ ।



ଅବାସ୍ତବ କବିତା

ହୃଷୀକେଶ ସ୍ୱାଇଁ

କଳ୍ପନାର ଉଦ୍ୟାନରେ ମୋ କବିତା
ଯଦି ହେଇଥାନ୍ତା ଫୁଲ,
ଶବ୍ଦର ରଙ୍ଗସବୁ ତା' ପାଖୁଡ଼ା ଅଧରେ
ଛନ୍ଦର ରାଗିଣୀ ଛନ୍ଦି ପ୍ରଜାପତି ଡେଣାରେ
ତା' ସୁରଭିରେ ହରଷି ସରାଗ ହୃଦୟ
ଆବେଶେ କରନ୍ତା ବସନ୍ତର ସ୍ୱାଗତ,
ଗୋପନରେ ଗାଇ ମଧୁଗୀତ ।

ଆଞ୍ଜୁଳାଇ ଶବ୍ଦ ସାଥେ ସ୍ୱପ୍ନରଙ୍ଗ ବୋଳି
ଫିଙ୍ଗି ଦିଅନ୍ତି ଯଦି ଆକାଶକୁ ଲକ୍ଷ କରି,
ବିନ୍ଦୁ ବିନ୍ଦୁ ରୂପେଲି ବରଷାରେ ମିଶି
ପୁଣି ପଡ଼ିଯାନ୍ତେ ଝରି
ଝିଲିମିଲି ରଞ୍ଜିତ ମନ ଆକାଶରେ
କବିତାରେ ସ୍ୱପ୍ନ ସାତରଙ୍ଗ ଭରି,
ମନୋହାରୀ ଇନ୍ଦ୍ରଧନୁ ପରି ।

ବିଶାଳ ବେଳାଭୂମି ସୁଦୂର ବିସ୍ତାରୀ
ଶବ୍ଦ ଛାଡ଼ି ଯାଆନ୍ତେ ଯଦି ସ୍ମୃତି ପାଦ ଚିହ୍ନ,
ଭାବ ସାଗରର ଅତଳ ଗର୍ଭରେ
ହୃଦୟର ଫରୁଆରେ ମଗ୍ନ ଅମୃତର ସ୍ୱପ୍ନ
ନିହିତ ନିଗୁଢ଼ ରହସ୍ୟର ମୁକ୍ତା
ବିରଳ ଏକ ଶାମୁକାରେ ସୁପ୍ତ,
ଆଲୋକର ସନ୍ଧାନେ ଯାଏ ବିବୃତ୍ତି ପ୍ରସାରୀ ।



"ତମେ ଏଇ ପେପର୍‌ଟା ଧରି କ'ଣ ବସିଗଲ ଯେ ! କାଲି ପରା ରାତିରେ କଥା ହେଇଥିଲା ମୋର ଆଜି ରୋଷେଇ ବନ୍ଦ, ତମେ ରବିବାର ସ୍ପେଶାଲ୍ ବନେଇବ !! ବଜାର ନଯାଇ ସକାଳୁ ପେପର୍ । କି ପୁର ପଶିଛି କେଜାଣି ସେଇ ପେପର୍‌ରେ ।" ପେପର୍ ଟାଣିନେଇ ଜୟ ସାମ୍ନାରେ ଅଣ୍ଟାରେ ହାତ ଦେଇ ଠିଆ ହେଇପଡ଼ିଲା ଆଶା ।

"ଏମିତି ଶକ୍ତିମାନ ଭଳିଆ କ'ଣ ଠିଆ ହେଇ ପଡ଼ିଲ ଯେ? ଦିଅ ପେପର୍, ଗପଟା ଅଧା ପଢ଼ିଛି ପରା ! ଖାଲି ସେଇଟା ସାରିଦିଏ ବଜାର ଯିବି । ଆଜି ପୁରା ରୋଷେଇ ମୋର ଯେ, ତମେ କାଇଁ ବ୍ୟସ୍ତ ହଉଛ ।"

"ହୁଁ, ପୁରା ରୋଷେଇ ପୁଣି ତମର । ଆରମ୍ଭରୁ ଶେଷ ଯାଏ ତ ଫର୍ମାଇସ୍ ଚଲେଇବ ପିଆଜ କାଟିଦିଅ, ରସୁଣ ଛଡ଼େଇ ଦିଅ, ମସଲା ବାଟିଦିଅ । ଆରେ ଆଇଁଷ କ'ଣ ଜାଣିଲେ ସିନା ମୁଁ ସେଇ ହିସାବରେ ସଜ କରିବି ।"

"ହଉ ମା, ଆଜି ସେ ସବୁ ବି ମୁଁ କରିଦେବି । ତମେ ଖାଲି ବସି ଦେଖିବ ଆଉ ଆଙ୍ଗୁଠି ଚାଟି ଖାଇବ । ଏବେ ତ ପେପରଟା ଦେଇଦିଅ ।"

"ନାଇଁ ଥାଉ, ମୋ ଧନଟା କାଇଁ ଏତେ କଷ୍ଟ କରିବ । ସେ ସବୁ ମୁଁ କରି ଥୋଇଦେବି । ତମେ ଆମର ଖାଲି ମସଲା କଷିଦବ ଯେ ! ତମ ମସଲା କଷାରେ ଯାଦୁ ଅଛି ପା ।" ଜୟର ପୁଚୁକା ଗାଲକୁ ଚିପି ଦେଇ କହିଲା ଆଶା ।

"ହଉ, ଏଥର ତ ପେପରଟା ଦିଅ ।" ଆଶାକୁ କୋଳକୁ ଭିଡ଼ିନେଲା ଜୟ ।

"ଆଚ୍ଛା, କି ଗପ ପଢୁଛ ଦେଖିବା । ଏଁ, କଳାଜାଇ । ଲେଖକ ଜୟଦେବ ପ୍ରଧାନ । ନିଜ ଗପ ନିଜେ ପଢୁଛ ପୁଣି ଏତେ ଧ୍ୟାନ ଦେଇ । ହେଲେ ଏଇଟା କେବେ ଲେଖିଲ, କେବେ ପଠେଇଲ କାଇଁ ମତେ ତ କହିନ ।"

"ତମ ପାଇଁ ସରପ୍ରାଇଜ୍ ଥିଲା ପରା ।"

"ସରପ୍ରାଇଜ ! ଏତେ ପ୍ରେମ କେବେଠୁ ବା?"

"ଆଶା, ତମେ ନିଜେ ବଡ଼ ପାଟିରେ ପଢ଼ । ତମଠୁ ଶୁଣିବି ଆଜି କଳାଜାଇ କାହାଣୀ ।"

"ହଉ ଶୁଣ ।"

"କଳାଜାଇ"

"ଖୋଲା ଭିଜା କେଶ, ମଥା ଉପରୁ ଗାଲଯାଏ ବହିଆସିଥିବା ଅମାନିଆ ଚକ୍ ଚକ୍ ପାଣିଧାର, ଢଳ ଢଳ କଥାକୁହା ଆଖି, ଭିଜା ସିନ୍ଦୁରର ପତଳା ଦାଗ, ଗୋରା ତକ୍ ତକ୍ ଦେହରେ ରକ୍ତ ଲାଲ ଓଠ, ଓଠ ତଳ ସେ କଳାଜାଇ, ଗୋରା ଦେହକୁ ଜଗିଥିବା ଖଣ୍ଡେ ଟାୱେଲ୍, ଗାଧୁଆ ଘରୁ ବାହାରି ଆସୁଥିବା ସେ.... ।"

ପେପର୍ ତଳକୁ କରି ଜୟ ଅଖିକୁ ଚାହିଁଲା ଆଶା ।

"ଆରେ ପଢ଼ ଆଗକୁ ।"

"ନାଇଁ ବାବା, ତମେ ରଖ ତମ ଗପ । ନିଜେ ପଢ଼ । ମୁଁ ପାରିବିନି ।"

ପେପର ଥୋଇ ଦେଇ ଚାଲିଗଲା ଆଶା ମସଲା ବାଟିବାକୁ । ଜୟ ପେପର ଧରିଲା, ନିଜ ଗପ ପଢ଼ିସାରି ପୁଣି ଜଲଦି ବଜାର ବାହାରିବାକୁ ପଡ଼ିବ ଯେ ।

ବଜାରରୁ ଫୋନ୍ କରିଦେଇଥାଏ ଜୟ ପୋହଳା ମାଛ ନେଇ ଯାଉଛି ବୋଲି । ଆଶା ବି ସୋରିଷ ମସଲା ବାଟିଦେଇଥାଏ । ଦୁହେଁ ରୋଷେଇ ଘରେ ରବିବାରିଆ ରାନ୍ଧଣା ପାଇଁ ରେଡ଼ି ।

ହେଲେ ଆଶା ଚେହେରାରେ ସକାଳର ସେ ହସ ନାଇଁ କି ଦୁଷ୍ଟାମି ନାଇଁ । ବାହାଘରର ଛ' ମାସ ହେଇଥିଲେ ବି ଜୟ ଆଶାର ମନକୁ ଛଅ ସେକେଣ୍ଡରେ ପଢ଼ିପାରେ । ଆଗ୍ନେୟଗିରି ତଳ ସୁପ୍ତ ଲାଭା ଧୀରେ ଧୀରେ ଗରମ ହବାର ତାତି ବାଜୁଥିଲା ଜୟକୁ ।

"କଣ ହେଇଛି ଆଜି ଚଣ୍ଡୀର । ହସ ଶୁଖି ଯାଇଛି ଯେ । କିଏ କ'ଣ କହିଲା କି?"

ପ୍ରଥମେ ନାହିଁ ନାହିଁ ହଉଥିବା ଆଶା ଶେଷକୁ ପଚାରିଲା, "ତମେ ସେ କଳାଜାଇ କଥା କୀର୍ତ୍ତି ପାଇଁ ଲେଖିଛ ନା? ତା"ର ସେଇ ଓଠ ତଳେ କଳାଜାଇ, ଦେଖିବାକୁ ତୋଫା ଗୋରା । ମୁଁ ତ ଶ୍ୟାମଳି । ମୋ ଦେହରେ ପାଣିଗାର କ'ଣ ଚକ୍ ଚକ୍ ଦିଶିବ?"

ହୋ ହୋ ହେଇ ରାବଣ ଭଳିଆ ହସ ହସିଲା ଜୟ । "ପାଗେଳୀ, ତମ ମନ ଯାଇ ସେଇଠି । ଆରେ ସେଇଟା ଖାଲି ଗପ ପରା । ଗପରେ କ'ଣ ଜୀଅନ୍ତା କିଛି ଥାଏ । ଏ ସବୁ ତୁଚ୍ଛା କଳ୍ପନା ପରା ଗପରେ ଚରିତ୍ର ଭରିବା ପାଇଁ ।"

"ମୁଁ ଜାଣିଛି, ଏ ସବୁ କୀର୍ତ୍ତି ପାଇଁ । ସେ ବି ଲେଖାଲେଖି କରେ, ତମ ଗପର କେତେ ପ୍ରଶଂସା କରେ । ତମେ ତା' କବିତା ସଜାଡ଼ିଦବା ପରେ ସେ ଫେସବୁକରେ ପୋଷ୍ଟ କରେ । ତା' ପାଇଁ ଏ ଗପ ନା?"

"ଆରେ ବୋକି, କୀର୍ତ୍ତି ପରା ତମ ସାଙ୍ଗ । ପୁଣି ବାହା ହେଇ ସାରିଛି ଆମ ବାହାଘର ଆଗରୁ । ଆଜିଯାଏ ଭେଟିନି ବି ମୁଁ ତାକୁ କେବେ । ତମେ ତା' ସହ ସବୁଦିନ ଫୋନ୍‌ରେ

ଘଣ୍ଟା ଘଣ୍ଟା ଗପିବା ବେଳେ ମୁଁ କଥା ମଝିରେ ଢୁଆ ମାରେ ଯାହା । ସେ ମୋ ଗପର ଚରିତ୍ର କାଇଁ ହବ !"

"ଆଉ ସେ ଯୋଉ ତମ ଫେସବୁକରେ କମେଣ୍ଟ କରିଥିଲା, ଭାଗ୍ୟବତୀ ସେ କାବ୍ୟ ନାୟିକା । ତମେ ବି ତାକୁ ସେ କୁଣ୍ଢେଇ ପକେଇବା smiley ଦେଇଥିଲ । ତମେ ସେଥିଲାଗି ତା'ପାଇଁ ଗପ ଲେଖିଦେଲ । ମୁଁ ସବୁ ଜାଣିଛି ଯେ ।"

ଜୟ ବୁଝିସାରିଥିଲା କଥାରେ ସେ ଆଉ ଲଢ଼ିପାରିବନି । ପଛରୁ ଆଶାର ଅଣ୍ଟା ଭିଡ଼ିନେଇ କହିଲା, "ମୋର ଏଇ ଗୋଟିକ କୋଟିଧନ ପରା ! ଏଇ ଜଣେ ହିଁ ନାୟିକା । କାବ୍ୟରେ, ଗପରେ, ଜୀବନରେ ସେଇ ଜଣେ ।"

ଜୟ ହାତକୁ ଠେଲି ଦେଇ ଆଶା କହିଲା, "ଶୁଣ, ତମେ ବଜାର ଗଲାପରେ କୀର୍ତ୍ତି ଫୋନ୍ କରିଥିଲା । ଆର ରବିବାର ସେ ଫ୍ଲାଇଟରେ ଦିଲ୍ଲୀରୁ ଏକା ଆସିବ । ସଂଗ୍ରାମ ଆସିବେନି । ମୁଁ କହିଦେଇଛି ତାକୁ ଏଠି ଦି'ଦିନ ରହି ତା' ଗାଁକୁ ଯିବ । ତମେ ତାକୁ ଏୟାରପୋର୍ଟରୁ ନେଇ ଆସିବ । ସେଇ ବାହାନାରେ ତମର ତାକୁ ନ ଦେଖିବାର ଅବଶୋଷ ବି ମରିଯିବ ।" କହିଦେଇ ମୁହଁ ମୋଡ଼ିଦେଲା ଆଶା ।

ଜୟ ବି ଦାନ୍ତ ଦି ଧାଡ଼ି ଦେଖେଇ ଦେଲା । ଝଗଡ଼ା ଝଡ଼ ଆସିବା ଆଗରୁ ଉଡ଼ିଯିବାର ଯୋଉ ଖୁସି !!!

ପର ରବିବାର ରାତି ନଅ କୀର୍ତ୍ତିର ଫ୍ଲାଇଟ୍ ଭୁବନେଶ୍ୱର ପହଞ୍ଚିବା ସମୟ । ସାଢ଼େ ଆଠରୁ ଘରୁ କାର୍ ଧରି ବାହାରିଲା ଜୟ । ଡିଓ ପକେଇଲା ବେଳେ ବି ଆଶା ତେରଛା କମେଣ୍ଟ ଦି'ଟା ମାରିଥିଲା ଯେ ! ଆରାମରେ ନଅ ଆଗରୁ ଯାହା ପହଞ୍ଚିଯିବ ବୋଲି ସେ ଭାବିଥିଲା ଫାୟାର ଷ୍ଟେସନରୁ ଓୟୁଏଟି ମଝିରେ ଏତେ ଟ୍ରାଫିକ୍ !! ନଅଟା ପରଠୁ କଲ୍ କରି ଚାଲିଥାଏ କୀର୍ତ୍ତିକୁ । ହେଲେ ଫୋନ୍ ସେଇ ସୁଇଚ୍ ଅଫ୍ । ଫ୍ଲାଇଟରୁ ଓହ୍ଲେଇ ଫୋନ୍ ଅନ୍ କରିବାକୁ ଭୁଲି ଯାଇଛି ବୋଧେ । ଏ ସବୁ ଭିତରେ ଏୟାରପୋର୍ଟ ପହଞ୍ଚୁ ପହଞ୍ଚୁ

ପାଖାପାଖି ସାଢ଼େ ନ' । କୀର୍ତ୍ତି ଫୋନ୍ ଏବେ ବି ବନ୍ଦ । କାରରୁ ବାହାରି ଚାରି ଆଡ଼କୁ ଅନେଇଲା ବେଳକୁ ପଛରୁ କୀର୍ତ୍ତିର ଡାକ,

- ହାଏ ଜୟ !

- ଆରେ ସରି, ଟ୍ରାଫିକ୍‌ରେ ରହିଗଲି ଡେରି ହେଇଗଲା । ଆଉ ତମ ଫୋନ୍ ବି ବନ୍ଦ । ବ୍ୟସ୍ତ ହେଇଯିବଣି ତମେ ।

- ସରି, ମୋର ବି ଫୋନ୍ ଚାର୍ଜ ସରିଯାଇଛି, ଚାଲ ଯିବା ।

- ଆରେ ତମ ବ୍ୟାଗ୍ କାଇଁ?

- ମତେ ନବାକୁ ଆସିଛ ନା ବ୍ୟାଗ୍‌କୁ?

- ସରି ସରି । ବସ କାର୍‌ରେ ।

କାର୍‌ରେ ଦୁଇ ଜଣ ବସିବା ପରେ ଗୀତର ଭଲ୍ୟୁମ୍ ଜୟ ବଢ଼େଇବା ବେଳେ କୀର୍ତ୍ତି କହିଲା;

- ସାଙ୍ଗରେ ଜଣେ କବି ଲେଖକ ଥାଉଥାଉ ଏ ରାସ୍ତା ଟିକକ ପାଇଁ କ'ଣ ଗୀତର ସାହାରା ନବାକୁ ପଡ଼ିବ?

- "ତମେ ବି ବହୁତ ଭଲ ଲେଖ କୀର୍ତ୍ତି, ଭଙ୍ଗାହୃଦୟର ଖଣ୍ଡ ଖଣ୍ଡ ଖପରାକୁ ଥାକ କରି ପ୍ରେମର ସୌଧ ବନେଇପାର", ଅଳ୍ପ ହସି କହିଲା ଜୟ ।

- ମିଛ ପ୍ରଶଂସା ବି ତମକୁ ଭଲରେ କରି ଆସେନି ଜୟ, ସେ ଧାଡ଼ି ପରା ତମେ ଯୋଡ଼ିଦେଇଥିଲ ।

- ହେଲେ ଭାବ ତ ତମର ଥିଲା ।

- ହଁ ଭାବ ! ବୁଝିପାରିଲେ ବନ୍ଦ ଓଠ, ଆଖି ବି ଅନେକ କିଛି କହିଯାଆନ୍ତି ଜୟ ।

- ସଂଗ୍ରାମ ସୁନ୍ଦର ପଢ଼ିପାରୁଥିବେ ତୁମ ଆଖି ।

- ସେ ଜୟ ନୁହନ୍ତି । ଜୟ ସିନା ନ ଦେଖି ବି ପଢ଼ିପାରେ କୀର୍ତ୍ତିକୁ । କୀର୍ତ୍ତିର ଭାବକୁ ଶବ୍ଦ କରି ସଜେଇ ଦିଏ କବିତାରେ ।

ଗାଡ଼ି ଧୀର ହେଇଗଲାଣି କେତେବେଳୁ, ରାସ୍ତା ସରିଯିବାର ଭୟ ଅଛି ଯେ । କୀର୍ତ୍ତି ଗପିଚାଲିଥାଏ...

- ତମେ ଲେଖାରେ ଯେତେ ରୋମାଣ୍ଟିକ୍ ସାମ୍ନାରେ ବିଲକୁଲ ସେମିତି ନୁହେଁ ଜୟ ।
- ଆରେ ସାମ୍ନାରେ କେମିତି ଆଉ ।
- ନାଇଁ ପଛରେ ଖାଲି ଲେଖିପାରିବ ଓଠ, କଳାଜାଇ, ଟାଞ୍ଚେଲ୍ ଘେରା ଗୋରା ଦେହ କଥା ।
- ସେ ନାୟିକା ତୁମେ ନ ଥିଲ ତ । ସେ କେବଳ କଳ୍ପନା ଥିଲା ।
- ଏ ଗପ କହି ଆଶାକୁ ଭୁଲେଇ ପାରିବ ଜୟ, କୀର୍ତ୍ତିକୁ ନୁହେଁ ।

ଏସି କାରରେ ବି ଜୟ ମଥାରେ ଝାଳ । ସତ ଧରା ପଡ଼ିଗଲେ ଯେମିତି ଝାଳ ବାହାରେ, ସେମିତି ।

- କ'ଣ ଚୁପ୍ ରହିଲ ଯେ ! ଭଲରେ ମନ ଭରି କଳାଜାଇ ଦେଖିବନି କି? ଦେଖିବନି ରକ୍ତ ଲାଲ ଓଠ? ପାଣିଧାର କ'ଣ ଗାଲ ପାଖରେ ଅଟକି ଯିବ କି? ବହି ଆସି ଲୁଚିଯାଇପାରେ ଟାଞ୍ଚେଲ୍ ତଳେ । ଲୁଚକାଳି ଖେଳିବ ତା' ସହ?

କାର୍ ଆପେ ଅଟକି ଯାଇଥିଲା । ରାସ୍ତା ବି ସରି ଆସୁଥିଲା । ଫୋନରେ ରିଂଗ୍, ଆଶାର କଲ୍ । କାରରୁ ବାହାରି ଆସିଲା ଜୟ । ଭିତରେ କଥା ହବା ରିସ୍କ ହେଇପାରେ ।

- ହାଲୋ

(ସେପଟୁ ଆଶାର ଭୋ ଭୋ କାନ୍ଦ ।)

- ଆରେ କ'ଣ ହେଇଛି, କିଛି କୁହ, କାଇଁ କାନ୍ଦୁଛ ।

- କୀର୍ତ୍ତିର ଫ୍ଲାଇଟ୍ କ୍ରାସ୍ କରିଯାଇଛି, ସଂଗ୍ରାମ ଫୋନ୍ କରିଥିଲେ । ନ୍ୟୁଜରେ ବି ଦେଖଉଛି ।

- କୀର୍ତ୍ତି? କାର୍ ଭିତରକୁ ଗଳି ଅନେଇଲା ଜୟ । ଆଗ ସିଟ୍ ପୁରା ଖାଲି ।



ତୁମ ବିନା

ଦେବବ୍ରତ ବାରିକ

ତୁମ ବିନା...
ମୋର ସବୁ ସ୍ୱପ୍ନ
ରଙ୍ଗହୀନ ଇନ୍ଦ୍ରଧନୁ ପରି,
ଖରାହୀନ ଦିନ ପରି
ତାରା ଶୂନ୍ୟ ରାତି ପରି ।

ତୁମ ବିନା...
ଏ ଜୀବନ ସ୍ରୋତ
ତରଙ୍ଗ ହୀନ ସମୁଦ୍ର ପରି
ଜୁଆର ହୀନ ନଈ ପରି
ବାଲିଶୂନ୍ୟ ବେଳାଭୂମି ପରି ।

ତୁମ ବିନା...
ମୋର ଅସ୍ତିତ୍ୱ
ଫୁଲ ହୀନ ଫଗୁଣ ପରି
ତୁଷାର ହୀନ ଶୀତ ପରି
ପତ୍ର ଶୂନ୍ୟ ବୃକ୍ଷ ପରି ।

ଶିଶୁ ରାଇଜ
କାହାଣୀ ଆମ ପିଲାମାନଙ୍କ ପାଇଁ
sishuraija.shubhapallaba.com
(ଛୋଟ ପିଲାଙ୍କ ଗପ, କବିତା, ଗୀତ,
ପ୍ରାର୍ଥନା ଆଦି ଉପଲବ୍ଧ)



ପାରିଜାତ

ଆଭା ପ୍ରଧାନ

- ହେ ଅଥର୍ବ ! ଆଜି ଦିନଟା । ମୁଁ ଟିକେ ପାର୍ଲର୍ ଯିବି, ଡେରି ହେଇଯିବ । କାଲିର ସକାଳ ପ୍ରୋଗ୍ରାମ ପାଇଁ ସବୁ ସରିଯାଇଛି, ତୁ ଖାଲି ଫାଇନାଲ୍ ଟଚ୍ ଦେଇଦବୁ ।

- ଆଜ୍ଞା ମୋନା... ଡାର୍ଲିଂ...

- ତୁ କେତେ ଭଲ କହିଲୁ ମୋ ସୁଇଟ୍ ବ୍ରୋ ।

- ନିଜ ଫାଇନାଲ୍ ଟଚ୍ ନିଜେ ଦେ । ପାର୍ଲରରେ କ'ଣ ମୋ ଭିଣେଇ ଭାଇ ବସିଛନ୍ତି?

- ତତେ ରାଗିବା କିଏ ଶିଖେଇଲାରେ ! ଆଚ୍ଛା ଶୁଣ ! ଆଉ କେହି ନାହାନ୍ତି ଅଫିସରେ, ଖାଲି ତୋର ସେ ସମୀର ଭାଇ ଛଡ଼ା । ଗଲାବେଳେ ଦୁଃଖୀଆତ୍ମାଙ୍କୁ ସସମ୍ମାନେ ଅଫିସ୍ ଗେଟ୍ ବାହାରକୁ ନେଇ ଆସିବୁ । ଆଉ ସବୁ ଆଡ଼ ଭଲରେ ଚାବି ପକେଇବୁ ।

- ସମୀର ଭାଇ ଯାଇନାହାନ୍ତି ! ସେ ତ ସେ ରକ୍ସ୍ ପ୍ରୋଗ୍ରାମ୍ ପରେ ଘରକୁ ପଳେଇଲେ ।

- ମୋ ପ୍ରିୟାଠାରୁ କିଏ ଅଧିକ ସୁନ୍ଦର, ତା' ଚିଠିଠାରୁ କିଏ ଅଧିକ ମଧୁର ।

- ଥଟ୍ଟା କରେନା ମୋ ମା' ।

- ଦେଖିବୁ ଯା' । କିଏ ସେ ପାରିଜାତ ! ଚାହିଁ ଏପଟେ, "ଏବେ ପଢ଼ିବା ଆଉ ଏକ ଚିଠି, କିନ୍ତୁ ତା' ପୂର୍ବରୁ ନେଇଯିବା ଏକ ଛୋଟ ବିରତି ।" କିନ୍ତୁ ଆମ ସମୀର ବାବୁଙ୍କ ପାଇଁ ସେ ବିରତି ସରିଲାନି ଯେମିତି, ବାଧ ହେଇକି ସନ୍ଧ୍ୟା ପଡ଼ିଲା ବାକି ଚିଠି ସବୁ । ପ୍ରୋଗ୍ରାମକୁ କିଏ ଏମିତି ଅଧାରେ ଛାଡ଼ି ଚାଲିଯାଏ ! ଆଉ ଆପଣଙ୍କ ସମୀର ଭାଇ ସେ ଚିଠି ସହ କୋଉ ଅନନ୍ତ ସମୟ ସାଗରରେ ବୁଡ଼ିଛନ୍ତି । ସେ ଚିଠିରେ ଏମିତି କ'ଣ ରସ ଲାଗିଛି କେଜାଣି । ଆସ୍ନେ ଏବେ ପ୍ରସ୍ଥାନ କଲୁ, ବାଏ ।

****

- ସମୀର ଭାଇ, ଆଜି ଘରକୁ ଯିବନି ! ସମୀର ଭାଇ, ହେ
- ହୁଁ... ଓଃ ଅଥର୍ବ; ହଁ କ'ଣ କହୁଥିଲୁ?
- ଘରକୁ ଯିବନି?
- ମାନେ !
- ଆରେ ତମେ ଘରକୁ ଯିବନି?
- ଆଚ୍ଛା ଘରକୁ ! ହଁ ହଁ ଯିବି । ଯିବିନି କାହିଁକି ! ୫ଟା ବାଜୁ ।
- ଘଣ୍ଟାରେ ୬ଟା ବାଜିଲାଣି ।
- ଆଚ୍ଛା !!! ହଉ ବସ୍ ଏଇଠି, ଆଉ ଟିକେ ପରେ ଯିବା ।
- ହୁଁ, ଆଉ ସେ ଗୋଲାପୀ ଚିଠିଟା ଯୋଉଟାରେ ନାଁ ଲେଖା ହେଇନଥିଲା, ତମେ ଜାଣିଛନା ତାଙ୍କୁ ! ସେଇଥିପାଇଁ ରକ୍ସ୍ ପରେ ତମେ ଆଉ କିଛି ବି ପ୍ରୋଗ୍ରାମ ହୋଷ୍ଟ୍ କଲନି । ଆଉ ଏବେ ଯାଏଁ ତାଙ୍କରି କଥା ହିଁ ଭାବୁଛ ।
- ଜାଣିନି
- କାହାକୁ ଜାଣିନ? ନିଜକୁ ନା ପାରିଜାତକୁ ! ବାଇ ଦି ୱେ ଆଜିର ଫ୍ଲେଭର୍ କ'ଣ?
- ମାଉଣ୍ଟ୍ ଗେ ରମ୍ ୱିଥ୍ ସୋଡ଼ା

- ଦିଲଦାର୍ ଚଏସ୍ ତମର ।

- କିନ୍ତୁ ଭାବିନଥିଲି ମୁଁ ବି କେବେ କାହାର ଦିଲଦାର୍ ଚଏସ୍ ହେଇଥିବି ।

- ଚିଅରସ୍... କାହାର, ସେ ଗୋଲାପୀ ଚିଠି ଯିଏ ଲେଖିଛି, ତା'ର !

- ଅର୍ଥବ ! ଛାଡ଼ପତ୍ର ପାଇଥିବା ବ୍ୟକ୍ତିକୁ ଆଉ ଥରେ ସ୍ୱାମୀ ହବାକୁ କେତେଟା ଅଗ୍ନିରେ ପରୀକ୍ଷା ଦେବାକୁ ପଡ଼େ?

- ତମେ କୋଉ ତ୍ରେତୟା ଯୁଗରେ ଅଛ କହିଲ, ଏକ ପତ୍ନୀ ବ୍ରତ ବସିକି ପାଳୁଛ ।

- ପତ୍ନୀ ବ୍ରତ ନୁହଁରେ... ଜିନି ତ କେବେଠୁ ମୋ ଜୀବନରୁ ଚାଲିଗଲାଣି । ତା'ପରେ ଯିଏ ଆସିଲା, ତାକୁ ନେଇ ସ୍ୱପ୍ନ ତ ଦେଖୁଥିଲି, କିନ୍ତୁ ଭିତରର ଅପରାଧଟା ଭାରିପଡ଼ିଲା । ଝିଅଟେ ତ ସବୁବେଳେ ଚାହିଁଥିବ ନା, ସ୍ୱପ୍ନର ରାମଚନ୍ଦ୍ର । ତାକୁ ସବୁ ସତ କହିବାର ସତ୍‌ସାହସ ମୋର ନଥିଲା । ଥରେ ଶ୍ରୀ ଲୁଣ୍ଠିତ ହେଲେ ଭିତରଟା ଅଙ୍ଗାରରେ ଭର୍ତ୍ତି ହେଇଯାଏ । ଅଙ୍ଗାରର ସ୍ୱର୍ଶରେ ପାରିଜାତ କୋଉଠି କେବେ ବଢ଼ିଲାଣି !!

- ଆ ଆ... ଟିକେ ରୁହ; ପାରିଜାତ କିଏ? ତମେ ନା ସେ ଚିଠିଟା ଯିଏ ଲେଖିଛି?

- ଗୋଟେ ସମ୍ପର୍କର ଗୋଟେ ପରିଚୟ ଥାଏ । ଆଉ ସେ ପରିଚୟର ନାଁ ପାରିଜାତ । ପାରିଜାତ; ମୁଁ ତା'ର, ସେ ମୋର ।

- ସେ ଝିଅ ଯଦି ରାଜି ଥିଲା, ତମେ କାହିଁକି ଅଯଥା ଦୁଃଖ କରୁଥିଲ? ତମେ ତ ଆଉ ଜବରଦସ୍ତି କାହାକୁ ବାନ୍ଧିଦେଇନଥିଲ ! ସତ କହି ଦେଇଥାଆନ୍ତ । ଲୋକ ମଣିଷ ମାରିକି ବି ନୂଆ କରି ବଞ୍ଚୁଛନ୍ତି, ତମେ ଏମିତି ବି କ'ଣ କରିଦେଇଥିଲ ! ଜୀବନ ତମ ସାମ୍ନାରେ ଛିଡ଼ା ହେଇଥିଲା । ହାତ ଧରି ଚାଲିପାରିଥାଆନ୍ତ ଆଉ ଗୋଟେ ନୂଆ ରାସ୍ତାରେ ।

- ଯାହା ହାତ ଧରିଥିଲି, ତା' ସାଙ୍ଗେ ତାଳ ଦେଇ ଚାଲି ପାରିଲିନି । ଯୋଉ ଭୁଲ୍ ଥରେ କରିଥିଲି, ତାକୁ ଆଉଥରେ କରିବାରେ ସତ୍‌ସାହସ ମୋ ପାଖେ ନଥିଲା । ଜିନି ପଛରେ କଲେଜର ସମୟରୁ ଧାଇଁଥିଲି । ସବୁକିଛି ଠିକ୍ ଥିଲା । ବାହା ହେଲା ପରେ ଯେମିତି ସବୁ କିଛି ବଦଳିଗଲା । ପ୍ରକୃତରେ ଭୁଲ୍ ମୋର ଥିଲା । ସମୟ ତ ପ୍ରହେଳିକା, ଅବାଟରେ

ଚାଲିଗଲେ ବି ପରୀ ରାଇଜର ସୁଖ ଦିଏ । ଜୋର କରି ଘର ଲୋକଙ୍କୁ ତାଙ୍କ ଘରକୁ ପଠେଇଦେଲି, ଆଉ ତାଙ୍କ ଘରେ ମୋ ଏ କ୍ଲାସ୍ ଚାକିରୀକୁ ଦେଖି ରାଜି ହେଇଗଲେ । ଯିଏ ବାହା ହେବ, ତାକୁ କେହି ପଚାରିଲେନି; ନା ତା' ଘର ଲୋକ ନା ମୁଁ । ବାଧ କଣ୍ଢେଇଟେ ପରି ବେଦୀରେ ବସିଥିଲା । ମୁଁ ଭୁଲ୍ କରିଦେଲି ଅଥର୍ବ, ବହୁତ ବଡ଼ ଭୁଲ ! ଆଉ ଗର୍ବର ଜାଲରୁ ବାହାରି ପାରିଲିନି । ଆଉ ଥରେ କହୁଛି, ସମୟ ପ୍ରହେଳିକା । ବେଶ୍ କିଛି ମୁହୂର୍ତ୍ତରେ ଅସୁମାରୀ ସୁଖ ଦିଏ, କିନ୍ତୁ ବାସ୍ତବତା ଢେର୍ ଉପରେ ଥାଏ । ଆମେ ଯେତେବେଳେ କାହା ପାଇଁ ଅନ୍ୟାୟ କରୁ, ତା' ଛିଟା ବି ଭୋଗକରୁ । ମୁଁ ତା' ସ୍ୱପ୍ନର ରାମଚନ୍ଦ୍ର ନଥିଲି । କିନ୍ତୁ ଯୋଉ ଦିନ ଅନୁଭବ ହେଲା ମୁଁ ଗୋଟେ କଥା କୁହା କଣ୍ଢେଇକୁ ଜାବୁଡ଼ି ଧରିଛି, ଆଉ ଜିନିର ଅନ୍ତରାତ୍ମା ମୋତେ ସବୁ ମୁହୂର୍ତ୍ତରେ ପ୍ରତ୍ୟାଖ୍ୟାନ କରୁଛି, ସେଦିନ ମୋ ପୁରୁଷାର୍ଥରେ ଅହଂ ଭାବ ଆସିଲା । ପ୍ରତ୍ୟାଖ୍ତ ପୁରୁଷାର୍ଥକୁ ସହ୍ୟ କରିବା ମୋ ଆୟତ୍ତ ବାହାରେ ଥିଲା । ସେ ମୁହୂର୍ତ୍ତରୁ ଯେମିତି ମୁଁ ଦି' ଭାଗ ହେଇଗଲି । ଅପରାଧର ସଂଜ୍ଞା ଆଇନର ଅଭିଧାନରେ ନୁହେଁ, ନିଜ ବିବେକରେ ଲେଖା ହେଇଥାଏ । ଗୋଟେ ଘରେ ଉଗ୍ର ପୁରୁଷାର୍ଥ ଗର୍ବ ମୋର, ଦେବୀ ପ୍ରତିମ ନାରୀର ନାରୀତ୍ୱକୁ ତିଳ ତିଳ କରି ଦଂଶନ କରୁଥିଲା ପ୍ରତିଟି ସୁଯୋଗରେ...

- ଆଉ ଗୋଟେ ପେଗ୍??

- ହୁଁ... ଏ ମଣିଷ ହିଁ ଖରାପ, ନା, ମଦ ଖାଲି ଯାହା ଦୋଷ ମୁଣ୍ଡାଏ । ମଦ ତ ସଭ୍ୟ ସମାଜରେ ଶ୍ରେଣୀ ଦେଖାଏ । ଆମ ଦୁନିଆ ବି କ'ଣ ଶିଖାଏ ! ଲୋକଟା ଭଲ, ଖାଲି ମଦ ନିଶାରେ କିଛି ଜାଣିପାରେନି । କିନ୍ତୁ ସେ ଅପରାଧର ଶାସ୍ତି କାଇଁ ଅଥର୍ବ? କେହି ତ ଦିଏନି । ଆଉ ଏ ନିଶା ବି ଗୋଟେ କ'ଣ ! କ'ଣ ରାସ୍ତା ଘାଟରେ ଯାହାକୁ ଦେଖୁଥିଲି, ମୁଁ ତା' ଉପରେ ନିଜ ନିଶା ପଣିଆ ଢାଳି ଦେଉଥିଲି ! କେବେ ନୁହଁ, ଖୋଜି ଖୋଜି କି ବାହାର କରୁଥିଲି, ଅଫିସରୁ ବାହାରି କଚ୍ଚା ସଡ଼କରେ ୫ କିମି ସିଧା ସିଧା ଯାଅ, ମନ୍ଦିର ପାଖ ଗଳିରେ ପଶ, ବାଁ ପଟୁ ୪ ନମ୍ବର ଘରଟା ହଉଛି ଉଚ୍ଚ ପଦସ୍ଥ ସମୀର ସମର୍ଥଙ୍କ ଘର । ତା' ଭିତରେ ଜିନି ବୋଲି ନାରୀଟିଏ ଅଛି, ତା'ରି ଉପରେ ଅତ୍ୟାଚାର କର ।

"ତୁ ଭାବୁଛୁ ନା, ପାରିଜାତ ପାରିଜାତ ହେଇକି ମୁଁ ଜିନି କଥା କାଇଁ କହିଲି? ସମସ୍ତେ ଗଙ୍ଗାରେ ନିର୍ମଳ ହୃଦୟ ନେଇକି ବୁଡ଼ ପକାନ୍ତିନି । ଅତୀତର ପାପଟା ଦଂଶୁଥାଏ ବୋଲି ଧୋଇ ହବାକୁ ବୁଡ଼ ପକାନ୍ତି । କୋର୍ଟ୍ ରୁମରେ ଯେଉଁଦିନ ଛାଡ଼ପତ୍ରର ଶେଷ ରାୟ ଆସିବାକୁ ଥିଲା, ବେଶ୍ ଗୋଟେ ଉତ୍ସାହରେ ଯାଇ ପହଁଞ୍ଚିଗଲି । ମୁଁ ଅକ୍ଷରେ ଅକ୍ଷରେ ମୋ ଧର୍ମ ପାଳନ କରିଛି; ନାରୀ, ଶୁଦ୍ର, ଇତର ଜୀବ, ଶାସିତ ହେବାର ଯୋଗ୍ୟ । 'ଅକ୍ଷୟ ହେଉ ପୂଣ୍ୟ ଜଗତେ ଧର୍ମର ହେଉ ଜୟ' । ପାଦ ଦେଉ ଦେଉ ମୁଁ ଯେମିତି ପୁରୁଷରୁ ମଣିଷ ହେଇ ଯାଇଥିଲି । ସ୍ୱର୍ଗର ନନ୍ଦନକାନନ ଦେଖାଯାଉଥିଲା ଅବା । କିଏ ସେ ଦିବ୍ୟ ପୁରୁଷ ଥିଲେ ଜାଣିନି; ଜାଣିନି ବି ସତରେ କିଏ ଥିଲେ ନା ମୁଁ ଏମିତି କଳ୍ପନାରେ ମଜି ଯାଇଥିଲି । ସୁନ୍ଦର ଆଖି, ମନ୍ଦ ହସ, ଆଉ ସେ ତେଜୀୟାନ୍ ମୁହଁ; ଶାନ୍ତ ଦାବାନଳ ଯେମିତି, ବହୁତ କିଛି କହି ଯାଉଥିଲା ସେ ଆଖି । ଗୋଟେ ସ୍ୱାମୀର ଅଧିକାର ନୁହେଁ, ମଣିଷର ମଣିଷପଣିଆ ଜାବୁଡ଼ି ଧରୁଥିଲା । ଭଲପାଇବାକୁ ପଞ୍ଜୁରୀ ଭିତରେ ବାନ୍ଧି ରଖାଯାଏନି । ରାୟ ଯାହା ବି ହଉ, ମୁଁ କିନ୍ତୁ ଜିନିକୁ ମୁକ୍ତି ଦେଇଦେବି । କଲା କର୍ମର ଫଳକୁ ଭୋଗିବା ପାଇଁ ଅପେକ୍ଷା କରିବି ଯାହା । ଆସିବ ତ ନିଶ୍ଚିତ, ମୁଁ ଅପମାନ ଦେଇଛି ସମସ୍ତଙ୍କୁ, ନିଜକୁ, ଜିନିକୁ ଆଉ ମଣିଷତ୍ୱକୁ । କିନ୍ତୁ ମୁଁ କିଛି କରିବା ଆଗରୁ ଅଦାଲତରେ ସବୁକିଛି ମଞ୍ଜୁର ହେଇଗଲା ଆଉ ଜିନିକୁ ତା'ର ମୁକ୍ତ ଆକାଶ ।"

ତା' ପରଠୁ ଆଶ୍ରମ ଯାଏ, କାଳେ କେମିତି ଯଦି ଶାନ୍ତି ପାଇଯିବି, ସେ ଆଶାରେ । ମଲାଯାଏଁ ବଞ୍ଚିବାକୁ ପଡ଼ିବ, ସେଇଥିପାଇଁ ଏମିତି ଯାହା କର୍ମ କରିଛି । ତା' ତାଡ଼ନାରେ ଯାହା ପାଏ ତାକୁ ଡାଇରୀରେ ଲେଖିଦିଏ । କହିବି କାହାକୁ, ଗୋଟେ ନିଶାଖୋର ପାପୀକୁ ବି ଶୁଣିବ କିଏ ! ସେ ଡାଇରୀକୁ ବି ରଖିଦେଇ ଆସେ ପ୍ରାର୍ଥନା ମଣ୍ଡପର ଗୋଟେ କୋଣରେ; ପାପର ପରିଭାଷାକୁ ପୁଣ୍ୟର ପ୍ରକାଶରେ ପରିଷ୍କାର କରିବାର ଆଶାରେ । ଏମିତି ବି ମୋର ମନ ନାହିଁ ପାରିଜାତକୁ କେବେ ଦେଖିଲି, କେମିତି ଦେଖିଲି, କ'ଣ କରୁଥିଲା ସେ, ତା' ପାଖେ ମୋର କ'ଣ କାମ ଥିଲା, ନା ମୋ ପାଖେ ତା'ର କ'ଣ କାମ ଥିଲା... କିଛି ମନେ ନାହିଁ ।

ବାସ୍ତବ ଜୀବନରେ ଯେବେ ହେତୁ ଆସିଲା, ସେବେ ଜାଣିପାରିଲି, ଡାଇରୀକୁ ପଢ଼ି, ମୁଁ ଲେଖିଥିବା ମୋ ଅଭିଶପ୍ତ ଜୀବନକୁ ସେ କାହାଣୀ ଭାବିସାରିଛି । ତା'ରି ଭିତରେ ସେ ମୋତେ ନେଇ ପାଏ ଦରଦୀ ମଣିଷଟେ, ସମାଜର ଚକରେ ଘଷି ହେଉଥିବା ଅଲୋଡ଼ା ରାସ୍ତାଟେ, ଆଦର୍ଶ ଆତ୍ମାଟେ । ତାକୁ ମୁଁ କୋଉ ମୁହଁରେ କହିଥାଆନ୍ତି ମୁଁ ସେ ଲେଖାମାନଙ୍କର ଲେଖକ ନୁହଁ, ନାୟକ । ଆଉ ତମେ ସେ ନାୟକକୁ ଘୃଣା କର । ବହୁତ ଥର ଭାବିଛି କହିଦେବି ମୁଁ ତମ ସ୍ୱପ୍ନର ରାମଚନ୍ଦ୍ର ନୁହେଁ । କିନ୍ତୁ ସେ ସାହସ ଟିକକ ବି ମୋ ପାଖେ ନାହିଁ । ସବୁ ଜାଣିଲା ପରେ ସେ ମୋ ଛାଇକୁ ବି ଘୃଣା କରିବ । ମୁଁ ଚାହେଁନି ମୋତେ କିଏ ଘୃଣା କରୁ । ନିଜ ଭିତରେ ତ ସବୁ ମୁହୂର୍ତ୍ତରେ ଜଳୁଛି, ଆଜି ଯଦି କିଏ ପଦେ କଥାରେ ଶାନ୍ତି ଦଉଛି, ମୁଁ ତାକୁ ମନା କାହିଁକି କରିବି? ଯେତେହେଲେ ବି ମଣିଷ ସବୁବେଳେ ସ୍ୱାର୍ଥପର, ଆଉ ମୁଁ ବି ମଣିଷ । କିନ୍ତୁ ପୁଣି ସେଇ ପୁରୁଣା କୋର୍ଟ ରୁମର ଅନୁଭବ ଫେରି ଆସିଲା ଅଥର୍ବ ! ସେଇ ସୁନ୍ଦର ଆଖି, ମନ୍ଦ ହସ, ଆଉ ସେ ତେଜୀୟାନ୍ ମୁହଁ; ଶାନ୍ତ ଦାବାନଳ ଯେମିତି । ଥରେ ଭୁଲ୍ କରିଛି, ଆଉ ନୁହେଁ । ବାସ୍ ଦିନେ ଏମିତି ଜାଣିଶୁଣି ଝଗଡ଼ା ଲଗେଇଦେଲି; 'କେହି କାହାର ନାଁ କେବେ କାହା ଆଗେ କହିବୁନି' ବୋଲି କଥା ରଖିଦେଲି ଜୀବନର ଶେଷ ସନ୍ତକ ଭଳିଆ ଆଉ କିଛି ନକହି ଚାଲି ଆସିଲି; ଚାକିରୀ, ଘର ସବୁ ଛାଡ଼ି ଆସିଲି । ମୋ ଇତିହାସଠୁ ବହୁତ ଦୂରକୁ । କିନ୍ତୁ କ'ଣ ହବ ! ମୋ ପଛେ ପଛେ ସେ ବି ଚାଲି ଆସିଲା ଚିଠି ହେଇ...

"ଏତେ ଦିନ ଖୋଜିଲା ପରେ ଦେଖା ମିଳିଲା । କହିକି କ'ଣ ଆସି ପାରିନଥାନ୍ତ ! ଛଳରେ କଥା ତ ପକ୍କା କରେଇନେଲ ଯେ ତମ ନାଁ ମୁଁ କୋଉଠି କହିବିନି । କିନ୍ତୁ କେବେ କୋଉଠି ଦେଖା ବି ହେବା ମନା, ଏଇଟା କୋଉଠି କହିଥିଲ? ୟା' ପରେ ଆଉ କୁଆଡ଼େ ଯିବ? ଯୋଉଠିକୁ ଯିବ ମୁଁ ସେଇଠି ଥିବି । ମୋତେ କହିବା ଦରକାର ପଡ଼ିବନି । ତମଠୁ ବାହାରେ ଥିଲେ ସିନା, କଥା କହିବାକୁ ପଡ଼ିବ । ମୁଁ ତ ସେଇଠି ଅଛି, ଯୋଉଠି କିଛି ଶବ୍ଦର ଦରକାର ପଡେନି । ମନ ଅଛି ନା ନିଃଶବ୍ଦର ବି ଶବ୍ଦ ଅଛି । ଏବେ ବି ଭାବୁଛ ମୁଁ କେମିତି

ଜାଣିଲି ତମେ ଏଇଠି ଅଛ ବୋଲି? ନକହି ବି ବହୁତ କିଛି କହି ହୁଏ । ଖାଲି ମୋର ନୁହଁ, ତମେ ଯାହାର ବି ଚିଠି ପଢ଼ିପାର; ସମସ୍ତେ ତ ଖାଲି ତମେ କହୁଥିବା ଶବ୍ଦ ଶୁଣନ୍ତି, ମୁଁ କିନ୍ତୁ ତମକୁ ଶୁଣେ ।

- ପାରିଜାତ କାହିଁକି? ଆଉ ତ କିଛି ନାଁ ଦେଇ ପାରିଥାଆନ୍ତ... ଆରେ ଯାଉଛ କୁଆଡ଼େ ! ରହିଯାଅ.. ପାରିଜାତ..."

- ଗେଟ୍ ଅପ୍ ସମୀର । ଅଥର୍ବ... ତମେ ଦି'ଟା ଯାକ ରାତି ସାରା ଷ୍ଟୁଡ଼ିଓରେ ଥିଲ !

- ହଁ ସାର୍

- ଆଉ ସେ ଝିଅ କିଏ, କୁଆଡ଼େ ଗଲା?

- କୋଉ ଝିଅ? ଖାଲି ଆମେ ଦି'ଜଣ ଥିଲୁ ।

- ସେ ପାରିଜାତ କିଏ ସମୀର, ନିଦରେ ଯାହାକୁ ଡାକୁଥିଲ ।

- ସ୍ୱପ୍ନର ପାରିଜାତ ସ୍ୱପ୍ନରେ ଶୋଭା ପାଏ; ଛୁଇଁବାକୁ ଚେଷ୍ଟା କଲେ ନିଦ ଭାଙ୍ଗିଯାଏ ।

- ଆ.. ହାଁ... ମୋ ଅଫିସରେ ତମେ ଦି' ଜଣ ମଦ ପିଇଛ, ନିଶା ଆହୁରି ଉତିରିନି?

- ନୋ ସାର୍, ସେଗୁଡ଼ା ତ ସମୀର ଭାଇଙ୍କ ପା.ରି..

ଗେଟ୍ ଲଷ୍ଟ୍, ବୋଥ୍ ଅଫ୍ ୟୁ । ମୋନାଠୁ ବାକିଆ ଦରମା ନେଇଯିବ, ଆଉ ଅଫିସ୍ ଆସିବା ଦରକାର ନାହିଁ । ଆଉ ମିଷ୍ଟର୍ ସମୀର, ତମେ ବୟସର ଅଧା ପାହଚ ଚଢ଼ି ସାରିଲଣି । କିନ୍ତୁ ସମ୍ମାନ ଦେଇ ଶିଖିଲନି । କୋଉ ମଣିଷକୁ କେମିତି କଥା କହିବ, ବ୍ୟବହାର କରିବା, ସେଇଟା ପର କଥା, ଯୋଉ କାମ ପାଇଁ, ଯୋଉ ଅଫିସ୍ ପାଇଁ ତମ ପେଟ ଅପୋଷା ରହୁନି ତା'ର ମର୍ଯ୍ୟାଦା ରଖ, ତାକୁ ସମ୍ମାନ ଦିଅ ।

ବି.ଦ୍ର: ଶୁଭ ପଲ୍ଲବର ୫ମ ସଂସ୍କରଣରେ ପ୍ରକାଶ ପାଇଥିଲା "ପାରିଜାତ" । ସେଥିରୁ ଅନୁପ୍ରେରିତ, ସେଥିପାଇଁ ଶୀର୍ଷକ ଅପରିବର୍ତ୍ତିତ ରଖିଲି । ପୂର୍ବ ପାରିଜାତକୁ ପଢ଼ିଲେ, ହୁଏତ ଆଉ ଟିକେ ଅଧିକ ଭଲ ଲାଗିବ ।



ତମ ଭାବନାରେ

ପୂର୍ଣ୍ଣିମା ଲେଙ୍କା

ସକାଳୁ ଦ୍ୱିପହର ପର୍ଯ୍ୟନ୍ତର
ତମାମ କଳହ ପରେ
ମନ, ମସ୍ତିଷ୍କ ଥକିଗଲା ପରେ

ଦିପହରୁ ଆସି ଗୋଧୂଳି ବେଳାରେ
ନିଷ୍ପତ୍ତି ନେଲି, ଆଉ ନୁହଁ ବାସ
ପୂର୍ଣ୍ଣଚ୍ଛେଦ ଏଠାରେ ।

ଏତେ ଦିନର ଦୀର୍ଘତମ ସମ୍ପର୍କରେ
କ'ଣ ପାଇଛି ତୁମଠାରେ?
ପ୍ରଶନବଚି ଉଠେ ମନ ଉହାଡ଼ରେ !


ଭାବନାର ସଂଘର୍ଷ ମଧ୍ୟରେ
ବର୍ତ୍ତମାନ ଭବିଷ୍ୟତର କୁହୁଳିକାରେ
ରାଗ ଅଭିମାନ ମିଶା ମନରେ ।

ନିଷ୍ପତି ଶୁଣେଇଲି ତମ ଆଗରେ
ପୂର୍ଣ୍ଣଚ୍ଛେଦ ଚାହେଁ ଏଇ ସମ୍ପର୍କରେ
କିଛି ଆସ ନାହିଁ ପ୍ରତି ଉତ୍ତରରେ ।

ଗୋଧୂଳିରୁ ରାତ୍ରି ସତେ ବହୁ ଦୂରରେ
ମନ କୋଠା ତମ ପାଖେ ବ୍ୟକ୍ତ କୋଳ ପରେ
ସମୟ ରହିଯାଇଛି ଯେପରି ମୋ କାନ୍ଥ ଘଣ୍ଟାରେ ।

ସତେ ଅବା ପ୍ରେମ ଲୁଚି ରହିଥିଲା
ରାଗ ଅଭିମାନ ମିଶା ସମ୍ପର୍କରେ
ତମ ମୋ ଭବନରୁ ଅନେକ ଦୂରରେ ।

ସମସ୍ତ ଅଶାନ୍ତିର ପରିସମାପ୍ତି ପରେ
ମନ ବୁଝିଯାଏ ସ୍ୱର୍ଗ ଶାନ୍ତି ମିଳେ
କେବଳ ତମ ଭାବନାରେ ।



ସୂଚନା: ଆମେ ଆମର କୁନି କୁନି ସାଥୀମାନଙ୍କ ପାଇଁ ନେଇ ଆସିଛୁ ଓଡ଼ିଆ ଗପ କବିତାର ନୂଆ ଏକ ୱେବ୍ ପୋର୍ଟାଲ୍, ଯେଉଁଥିରେ କେବଳ ସେମାନଙ୍କ ପାଇଁ ଗପ/କବିତା/ଗୀତ ଆଦି ଉପଲବ୍ଧ । ଆପଣଙ୍କର ପିଲାମାନଙ୍କୁ ଓଡ଼ିଆରେ ଗପକବିତାଦି ପଢ଼ାଇବାକୁ ଚାହୁଁଥିଲେ, ନିର୍ଦ୍ୱନ୍ଦରେ ଆମର ୱେବ୍ ପୋର୍ଟାଲ୍ **https://sishuraija.shubhapallaba.com**ରେ ପଢ଼ନ୍ତୁ ।



ପାସ୍ପୋର୍ଟ ସାଇଜ୍ ଫଟୋ

ଡ. ଜୟପ୍ରକାଶ ପରିଡ଼ା

ପିଜି ଏଣ୍ଟ୍ରାନ୍ସ ଫର୍ମ ଭରିବା ପାଇଁ ଫଟୋ ଉଠେଇବାକୁ ଷ୍ଟୁଡିଓ ଭିତରେ ଅପେକ୍ଷା କରୁଥିଲି । ଷ୍ଟୁଡିଓର କାଚ ଦୁଆର ସେପଟେ ବୁଢ଼ୀ ମାଉସୀ ଜଣେ ଚିନ୍ତିତ ଦେଖାଯାଉଥିଲା । ବୋଧହୁଏ କାଚ ଦୁଆରଟାକୁ କେମିତି ଖୋଲିବ ଜାଣି ପାରୁନଥିଲା ସେ । କେହିଜଣେ ଦୁଆର ଖୋଲି ବାହାରକୁ ଗଲାରୁ ସେ ଭିତରକୁ ଆସିଲା । ବୟସ ୬୦ ପାଖାପାଖି ହେବ। ବାଇଗଣୀ ରଙ୍ଗର ଚିରା ସ୍କାର୍ଫ ଭିତରୁ ତା' ମୁଣ୍ଡର ଅଧାପାଚିଲା ବାଳ ଗୁଡ଼ାକ ଦିଶୁଥାଏ । ପାଖରେ ତା'ର ୪-୫ ବର୍ଷର ନାତୁଣୀଟି ପାଟିରେ ଆଙ୍ଗୁଠି ପୁରେଇ ଇଆଡ଼େ ସିଆଡ଼େ ଚାହୁଁଥାଏ । ଷ୍ଟୁଡିଓ କାନ୍ଥରେ ଲାଗିଥିବା କ୍ୟାଣ୍ଡିଡ୍ ଫଟୋଗୁଡ଼ାକୁ କିଛି ସମୟ ଚାହିଁଲା ପରେ କାନି ଗଣ୍ଠିରୁ ୩୦-୪୦ ଟଙ୍କା ଅତି ସନ୍ତର୍ପଣରେ ବାହାର କରି ବୁଢ଼ୀ ଦୋକାନୀକୁ ପଚାରିଲା, "ଭଉ୍ତା ପାଇଁ ଅଧା ଫଟ ଉଠେଇବାକୁ ଆସିଛି, ଏତିକି ପଇସା ହବ ନା?"

- "କୁନି ଝିଅକୁ ସେଇ ପଇସାରେ ଚକ୍କେଟ୍ ଆଉ ଖେଳନାଟେ କିଣିଦେବୁ", ଉତ୍ତର ଆସିଲା ସେପଟୁ ।

- ଅବିଳମ୍ବେ ବୁଢ଼ୀ ପାଟିରୁ ବାହାରି ଆସିଲା, "ଠାକୁର ତତେ ମୋ ଆଇଶ ଦିଅନ୍ତୁରେ ବା ।"



ତାଳପଦେଶ୍ୱରୀ

ବିଶ୍ୱଜ୍ୟୋତି ମହାନ୍ତି

ବୋଧହୁଏ ଗୋଟେ ଯୁଗ ପରେ, ସମୟର ବିପରୀତେ, ସାହସ ଜୁଟାଇ ହଜିବାକୁ,
ଯାଇଥିଲି ଏକାନ୍ତରେ ଖୋଜିବାକୁ, ନିରେଖିବାକୁ, ଟିକେ ଛୁଇଁବାକୁ,
ସୌଧ ଯାହା ଗଢ଼ିଯାଇଥିଲ ହାତ ଧରି,
ମୋ ଶ୍ୱାସର ଉତ୍ତେଜନାକୁ ପ୍ରଶାନ୍ତ କରି,
ଜଳୁଛି ଜାଗର ମହାଦୀପର ଲେଲିହାନ ଶିଖା ପରି ସେ,
ନା ଶ୍ମଶାନର ଜୁଇ ପାଉଁଶ ସମ ଦିଶେ ।

ଅସହାୟ ହାୟ ସମୟ ! ଅପରିବର୍ତ୍ତିତ ଲାଗେ ଅନେକ କିଛି,
ସମୟର ନୃଶଂସ ଝଡ଼ ପରେ ବି,
ସେଇ ରଙ୍ଗଣୀ ଫୁଲ ଗଛ, ପାଖେ ଚଉଁରା,
ଆଉ ସାମ୍ନାରେ ବସିଛ ତମେ ଏବେ ବି ।
ତାଳ ମିଳାଇ ତୁମ ପଦ ଚିହ୍ନେ ପ୍ରଦକ୍ଷିଣ ବେଳେ,
ସେ ଅଲୋଡ଼ା ଶୁଅନ୍ତା ଗଛଟି ଆଜି ବି ବାଟ ଓଗାଳେ,

ଅଜାଣତେ ମୋ ହାତ ଚାଲିଯାଏ ତମ ମଥା ପରେ,
ବୋଧହୁଏ ଗଛରୁ ଆଘାତ ଆଶଙ୍କାରେ,
ହୁଏତ ପାରିନ ଦେଖି ପ୍ରେମର ସେ ନିର୍ମଳ ଛବି,
ନହେଲେ ଜାଣେ ହସିଥାନ୍ତ ମୁରୁକି, ନାକକୁ ଟେକି ।

କିଛି ଗୋଟେ ମନାସୁଥିଲ ମାଆଙ୍କ ଆଗେ ହାତ ଯୋଡ଼ି,
ଅତି ଗୋପନୀୟ ଯେମିତି କିଛି ଜଣାଉଥିଲ ମନ ଖୋଲି,
ସ୍ମିତ ହସିଲି, ଭାବିଲି
ସେବେ ମୁଖ୍ୟ ଥିଲି ମୁଁ ପ୍ରାର୍ଥନାରେ ତୁମ,
ଏବେ ବି ଥିବି ହେଉ ପଛେ ସ୍ୱଳ୍ପ,
ମାଆଙ୍କୁ ଆଜି ମନେ ମାଗିଲି କିଛି,
ଜୀବନ ତୁମ ହେଉ ସୁଖମୟ! ଦିଅ ପଛେ ମୋ ଭାଗରୁ ବାଛି ।

ଘଣ୍ଟୁଆ ଡାକେ, ବୁଲି ଦେଖେ ତ ଆଳତୀ ବେଳ ଆସନ୍ନ,
ସ୍ୱପ୍ନ ଥିଲା ନା ଆସିଥିଲ ସତେ, କାହିଁ ନାହିଁ ତ ଚିହ୍ନ ! ଲାଗେ ଅସମ୍ପୂର୍ଣ୍ଣ ।
ଲାଗିଲା ଯେମତି ସେ ବିରାଟ ଢୋଲ, ଝାଞ୍ଜି,
ଘଣ୍ଟ ଆଉ ଘଣ୍ଟା ମିଶି କରୁଛନ୍ତି ଉପହାସ,
ମୋ ଏକାନ୍ତତାର, ମୋ ଅସମ୍ପୂର୍ଣତାର ।
ସେ ମଡୁଆ ଘଣ୍ଟୁଆ ଆଉ ପୂଜାରୀ ବି ଖୁସିରେ ପାଗଳ
ଚେତାଇ ମୋତେ ଅନୁପସ୍ଥିତି ତୁମର,
ଆଉ ମା ବି ନିରୁତ୍ତର, ଥାଇ ବି ନଥିଲା ପରି ଅବତାର ନୀରବତାର ।



ପଣା

ସତ୍ୟବ୍ରତ ପରିଡ଼ା

ଗୌରୀଶଙ୍କର ଭଞ୍ଜ ଅବସରପ୍ରାପ୍ତ ସେନା ଅଧିକାରୀ । ଘର ଜଗତସିଂହପୁର ଜିଲ୍ଲାର ରଘୁନାଥପୁର । ପରିବାର କହିଲେ ଦୁଇ ପୁଅ, ଦୁଇ ଜଣ ଯାକ ବିବାହ କରିସାରିଛନ୍ତି । ବଡ଼ ପୁଅ ତ୍ରିଲୋଚନ, ବୋହୂ ମାନସୀ ଆଉ ନାତି ଆନନ୍ଦ ଭୁବନେଶ୍ୱରରେ ରୁହନ୍ତି । ସାନ ପୁଅ ରଜତ, ବୋହୂ ଶୁଭଶ୍ରୀ ଆଉ ନାତୁଣୀ ପ୍ରୀତି କଲିକତାରେ ରୁହନ୍ତି । ପତ୍ନୀ ବସୁନ୍ଧରା ଆରପାରିକୁ ଯିବା ସାତ ବର୍ଷ ହେଲାଣି । ପତ୍ନୀଙ୍କ ଅନ୍ତେଷ୍ଟିକ୍ରିୟା ସରୁ ସରୁ ଦୁଇ ପୁଅଙ୍କ ମଧ୍ୟରେ ବାପା କେଉଁଠି ରହିବେ, ସମ୍ପତ୍ତି କେମିତି ଭାଗ ହେବ ଏ ନେଇ ବଚସା ଆରମ୍ଭ ହୋଇଯାଇଥିଲା । ମାତ୍ର ଗୌରୀଶଙ୍କର ବାବୁ ଟାଣୁଆ ଲୋକ, ଦୁଇ ପୁଅଙ୍କୁ ତାଗିଦ୍ କରି କହିଦେଇଥିଲେ ମୋତେ ତୁମେ ଦୁଇ ଜଣ କେହି ପୋଷିବାର ଆବଶ୍ୟକତା ନାହିଁ । ଆଉ ମୁଁ ଥିବାଯାଏଁ ଏ ସମ୍ପତ୍ତି ମଧ୍ୟ ଭାଗ ବାଣ୍ଟ ହେବ ନାହିଁ । ଏହା ପରେ ଦୁଇ ପୁଅ ନିଜ ପତ୍ନୀଙ୍କୁ ଧରି କର୍ମକ୍ଷେତ୍ରକୁ ଚାଲି ଯାଇଥିଲେ । ଦୁଇ ଭାଇଙ୍କ ମଧ୍ୟରେ ସେଦିନଠାରୁ କଥାବାର୍ତ୍ତା ବନ୍ଦ । ଘରକୁ ଆସିଲେ ମଧ୍ୟ ଆଗ ପଛ ହୋଇ ଆସନ୍ତି ଆଉ କେହି କାହାକୁ ନ ଚିହ୍ନିଲା ଭଳି ବ୍ୟବହାର କରନ୍ତି ।

କରୋନା ଆସିବା ପରେ ଏଥର କିନ୍ତୁ ଦୁଇ ଭାଇ ଏକା ତାରିଖରେ ଗାଁ'କୁ ଆସିଛନ୍ତି ହେଲେ ଏଭଳି ବିପତ୍ତି ସମୟରେ ମଧ୍ୟ ଦୁଇ ଭାଇ ପରସ୍ପର କଥା ହୋଇ ନାହାନ୍ତି । ଦୁଇ ଭାଇ ଅଲଗା ରୋଷେଇ କରି ଖାଆନ୍ତି ଆଉ ଗୌରୀଶଙ୍କର ବାବୁ ମଧ୍ୟ ଏକୁଟିଆ ରୋଷେଇ କରି ଖାଆନ୍ତି । ଉଭୟଙ୍କ ମନରେ କିନ୍ତୁ ବାପାଙ୍କ ପ୍ରତି ଭଲପାଇବା ଥାଏ ଆଉ ଡର ବି ! ସମୟ ପାଇଲେ ଏକା ଏକା ବାପାଙ୍କ ପାଖରେ ବସି କଥା ହୁଅନ୍ତି । ନାତି ଆନନ୍ଦ ଆଉ ନାତୁଣୀ ପ୍ରୀତି କିନ୍ତୁ ସବୁବେଳେ ଜେଜେବାପାଙ୍କ ପାଖରେ । ଭାଇ ଭଉଣୀ ସାଙ୍ଗହୋଇ ଖେଳନ୍ତି ଆଉ ଏହାକୁ ତ୍ରିଲୋଚନ ଆଉ ରଜତ କେବେ ବାରଣ ମଧ୍ୟ କରି ନାହାନ୍ତି ।

ଆସନ୍ତା କାଲି ପଣା ସଂକ୍ରାନ୍ତି ବୋଲି ଗୌରୀଶଙ୍କର ବାବୁ ସନ୍ଧ୍ୟାରେ ରଘୁନାଥପୁର ବଜାରରୁ ଫେରିବା ସମୟରେ ପଣା ପାଇଁ ଆବଶ୍ୟକୀୟ ସାମଗ୍ରୀର ତିନୋଟି ଥଳୀ ଧରି ଘରକୁ ଫେରିଲେ । ଆଉ ଦାଣ୍ଡ ଘରେ ଥିବା ଚଉକିରେ ବସି ଦୁଇ ବୋହୂ ମାନସୀ ଆଉ ଶୁଭଶ୍ରୀଙ୍କୁ ଡାକି ଗୋଟେ ଗୋଟେ ଥଳୀ ଧରେଇ କହିଲେ, "ଏ ଜିନିଷ ତକ ଧର କାଲି ଦୁହେଁ ପଣା କରିବ । ଦେଖିବା କାହା ପଣା ଭଲ ଲାଗୁଛି । ଆଉ ମୁଁ ବି ପଣା କରି ତୁମ ଦୁହିଁଙ୍କୁ ପିଇବାକୁ ଦେବି । ଏ ଦେଖ ମୋ ପଣା ତିଆରି ସାମଗ୍ରୀ ।"

ରାତି ପାହିଲା, ସକାଳୁ ସକାଳୁ ଚଉରା ପୂଜା ମଧ୍ୟ ସରିଲା । ଏଥର ପୁଣି ଥରେ ଗୌରୀଶଙ୍କର ବାବୁ ଡାକ ମାରି ଦୁଇ ବୋହୂଙ୍କୁ କହିଲେ, "ଏଥର ପଣା କରିବା କାର୍ଯ୍ୟ ଆରମ୍ଭ ହେଉ, ଦେଖିବା କାହା ପଣା ଭଲ ହେଉଛି !" ଏତକ କହି ଗୌରୀଶଙ୍କର ବାବୁ ନିଜେ ମଧ୍ୟ ପଣା ତିଆରିରେ ଲାଗି ପଡ଼ିଲେ । ପାଖରେ ନାତି ଆନନ୍ଦ ଆଉ ନାତୁଣୀ ପ୍ରୀତି ଥାଆନ୍ତି । ଆଗ ନଡ଼ିଆ କୋରା କାର୍ଯ୍ୟ ଆରମ୍ଭ ହେଲା । ଏମିତି ନାତି ନାତୁଣୀଙ୍କ ସହ ମଜା କରୁ କରୁ ହଠାତ୍ ଗୌରୀଶଙ୍କର ବାବୁଙ୍କ ହାତ ନଡ଼ିଆ କୋରାରେ ବାଜି ଜୋରରେ କଟି ଗଲା ଆଉ ରକ୍ତ ମଧ୍ୟ ବାହାରିବାକୁ ଲାଗିଲା । ଜେଜେଙ୍କ ହାତରୁ ରକ୍ତ

ଦେଖି ଆନନ୍ଦ ଆଉ ପ୍ରୀତି ଦୁଇ ଜଣଯାକ ଜୋରରେ ପାଟି କରି ଡାକ ପକାଇଲେ, "ବାବା ମାମା ଜେଜେଙ୍କ ହାତ କଟି ଗଲା ଜଲଦି ଆସ ।" ସଙ୍ଗେ ସଙ୍ଗେ ସମସ୍ତେ ସେଠାରେ ପହଞ୍ଚିଗଲେ । ଗୌରୀଶଙ୍କର ବାବୁ କିନ୍ତୁ ସମସ୍ତଙ୍କୁ କହିଲେ, "ଆରେ କିଛି ହୋଇ ନାହିଁ ଟିକେ ବାଜି ଯାଇଛି, ବ୍ୟସ୍ତ ହୁଅନି ତୁମେମାନେ ।" ବଡ଼ ପୁଅ ତ୍ରିଲୋଚନ ବାପାଙ୍କ ହାତ ଧରି କହିଲେ, "କ'ଣ କିଛି ହୋଇନାହିଁ ! ଏତେ ପରା କଟି ଯାଇଛି ବାପା ।" ଆଉ ସାନ ପୁଅ ରଜତ କହିଲେ, ହଁ ବାପା ଚାଲ ଯିବା ଡାକ୍ତରଖାନାରେ ଦେଖେଇ ଆସିବା ।" ଗୌରୀଶଙ୍କର ବାବୁ ପୁଣି କହିଲେ, "ଆରେ ନାଇଁ କିଛି ହୋଇନାହିଁ ତୁମେମାନେ ଯାଅ ଜମା ଚିନ୍ତା କର ନାହିଁ । ହେଲେ ମୁଁ ବୋହୂମାନଙ୍କୁ କହିଥିଲି ମୋ ହାତ ତିଆରି ପଣା ପିଇବାକୁ ଦେବି । ହାତ ତ କଟିଗଲା, ଏବେ ସେମିତି ଅଳ୍ପେବହୁତେ ପଣା ତିଆରି କରି ଦେବି ।" ବଡ଼ ପୁଅ ତ୍ରିଲୋଚନ କହିଲେ, "ଥାଉ ବାପା ମାନସୀ ପରା ପଣା କରିଛି ! ଆପଣ ପିଇବେ, ଆଉ ପଣା କରିବା ଦରକାର ନାହିଁ ।" ସାନପୁଅ ରଜତ ମଧ୍ୟ କହିଲେ, "ହଁ ବାପା, ଶୁଭଶ୍ରୀ ମଧ୍ୟ ପଣା କରି ସାରିଲାଣି ଆପଣ ପିଇବେ । ଏ ପଣା ଆଉ କରିବା ଦରକାର ନାହିଁ ।" ଦୁଇ ପୁଅଙ୍କ କଥା ଶୁଣି ଗୌରୀଶଙ୍କର ବାବୁ କହିଲେ, "ଆରେ ମୋ ପଣା ଅଲଗା ସ୍ୱାଦର ହେବ, ସେମାନେ ଛୁଆଗୁଡ଼ା, କ'ଣ ଜାଣିଛନ୍ତି? ହଉ ତୁମେମାନେ ଯାଅ ।" ସାନ ପୁଅ ରଜତ କହିଲେ, "ନାଁ ବାପା ଆପଣ ଜିଦ୍ କରନ୍ତୁ ନାହିଁ । ଗୋଟିଏ କାମ କରିବା, ଆପଣ କୁହନ୍ତୁ କ'ଣ କେମିତି ପଣା ହେବ ମୁଁ କରି ଦେଉଛି ।" ବଡ଼ ପୁଅ ତ୍ରିଲୋଚନ ମଧ୍ୟ ସମାନ କଥା କହିଲେ, "ହଁ ବାପା ଯଦି ପଣା କରିବା ନିହାତି ଆବଶ୍ୟକ ତେବେ ଆପଣ ବସନ୍ତୁ ଆଉ କୁହନ୍ତୁ ମୁଁ କରି ଦେଉଛି ।"

ଗୌରୀଶଙ୍କର ବାବୁ କହିଲେ, "ନା ! ତୁମେମାନେ ଏକୁଟିଆ ପାରିବ ନାହିଁରେ..." ସାନପୁଅ ରଜତ କହିଲେ, "ହଉ ଆପଣ କୁହନ୍ତୁ ଆମେ ସାଙ୍ଗ ହୋଇ କରୁଛୁ ତା'ହେଲେ !" ଏଥର ଗୌରୀଶଙ୍କର ବାବୁ ଆଉ ବିଳମ୍ବ ନ କରି ସଙ୍ଗେ ସଙ୍ଗେ କହିଲେ, "ପାରିବ

ତ?" ବଡ଼ପୁଅ ତ୍ରିଲୋଚନ କହିଲେ, "ହଁ ବାପା ଆପଣ ଖାଲି କହି ଚାଲନ୍ତୁ ।" ଗୌରୀଶଙ୍କର ବାବୁ ସେଇ ଚଉକିରେ ବସି କହି ଚାଲିଲେ, "ରଜତ ତୁ ନଡ଼ିଆ କୋର, ତ୍ରିଲୋଚନ ତୁ ବେଲକୁ ଫଟେଇ ମଞ୍ଜି ଅଲଗା କର ।" ରଜତ ବଡ଼ ଭାଇ ତ୍ରିଲୋଚନଙ୍କୁ କହୁଥାନ୍ତି, "ଆରେ ସେମିତି ନୁହେଁ ଭାଇ ଭଲରେ ମଞ୍ଜି ବାଛ ନହେଲେ ରହି ଯିବ ।" ଆଉ ତ୍ରିଲୋଚନ ସାନ ଭାଇ ରଜତଙ୍କୁ କହୁଥାଆନ୍ତି, "ହଁ ହଁ... ତୁ ବି ଦେଖିକି ନଡ଼ିଆ କୋର, ନହେଲେ ବାପାଙ୍କ ଭଳି ତୋର ବି ହାତ କଟିଯିବ ।" ଏମିତି ଗୌରୀଶଙ୍କର ବାବୁ ଗୋଟିଏ ପରେ ଗୋଟିଏ କାମ କହି ଚାଲିଲେ ଆଉ ଦୁଇ ଭାଇ ମିଶି ପଣା ତିଆରିରେ ଲାଗି ପଡ଼ିଲେ । ଆଉ ଶେଷରେ ପଣା ତିଆରି ହୋଇଗଲା । ଗୋଟିଏ କାଚ ଗ୍ଲାସରେ ପଣା ଭରିକରି ବଡ଼ ପୁଅ ତ୍ରିଲୋଚନ ବାପାଙ୍କ ହାତକୁ ବଢ଼େଇ ଦେଲେ । ଆଉ ଗୌରୀଶଙ୍କର ବାବୁ ଗ୍ଲାସ୍‌କୁ ଧରି ବୋହୂ ମାନଙ୍କୁ ମଧ୍ୟ ନିଜ ପଣା ନେଇକରି ଆସିବା ପାଇଁ କହିଲେ ।

ଗୌରୀଶଙ୍କର ବାବୁ ଚଉକିରେ ବସିଥାନ୍ତି, ଦୁଇ ପୁଅ ଆଉ ଦୁଇ ବୋହୂ ସାମ୍ନାରେ ଠିଆ ହୋଇଥାନ୍ତି ଆଉ ତିନୋଟି ଗ୍ଲାସ୍ ପଣା ସାମ୍ନା ଟେବୁଲ୍ ଉପରେ ଥୁଆ ହୋଇଥାଏ । ଗୌରୀଶଙ୍କର ବାବୁ ପଚାରିଲେ, "କହିଲ ଦେଖି କେଉଁ ପଣାଟି ସବୁଠାରୁ ଅଧିକ ସ୍ୱାଦିଷ୍ଟ ହୋଇଥିବ?" କେହି କିଛି କହିବା ଆଗରୁ ପଛରୁଥାଇ ନାତୁଣୀ ପ୍ରୀତି ବଡ଼ ପାଟିରେ କହିଲା, "ଯେଉଁ ପଣାକୁ ବଡ଼ ବାବା ଆଉ ବାବା ସାଙ୍ଗ ହୋଇ କରିଛନ୍ତି ସେ ପଣା ହିଁ ସୁଆଦିଆ ହୋଇଥିବ ଜେଜେବାପା !" ଗୌରୀଶଙ୍କର ବାବୁ କହିଲେ, "ଦେଖିଲ ଛୋଟ ଛୁଆଟି ବି ଜାଣିପାରିଲା କେଉଁଟି ଆଉ କାହିଁକି ସୁଆଦିଆ ହେଇଥିବ । ହେଲେ ତମେ ଦୁହେଁ ଜାଣିପାରିଲନି । ଆରେ ତୁମେ ଦୁଇ ଜଣ ପରା ସାତ ବର୍ଷ ହେଲା କଥା ହେଉ ନଥିଲ ! ଏ ପଣା ତ ବାହାନା ଥିଲା ତୁମକୁ ଦୁହିଁଙ୍କୁ ମିଶେଇବା ପାଇଁ । ଦେଖୁଛ ସେଠି ଭାଇ ଭଉଣୀ ଦୁଇ ଜଣ ଖେଳୁଛନ୍ତି? ତୁମେ ଦୁଇ ଭାଇ ମଧ୍ୟ ପିଲାଦିନେ ଏମିତି ଖେଳୁଥିଲ

। ହେଲେ ଯେମିତି ବଡ଼ ହୋଇଗଲ ତୁମର ବେଶୀ ବୁଦ୍ଧି ଆସିଗଲା... ସେଥିପାଇଁ ଆଉ କଥା ବାର୍ତ୍ତା ବି ହେଲାନି । ମୋ ହାତ କଟିଗଲା ବୋଲି ଦୁହେଁ କାହିଁକି ଏକାସାଙ୍ଗରେ ଦୌଡ଼ି ଆସିଲ? ଏକାସାଙ୍ଗରେ ଆସିଲ କାହିଁକି ନା ମୋ ରକ୍ତ ତୁମେ । ସେମିତି ତୁମେ ଦୁଇ ଜଣ ପରା ଏଇ ଗୋଟିଏ ରକ୍ତର, ଅଲଗା ରହୁଛ କେମିତିରେ?" ବାପାଙ୍କଠାରୁ ଏତକ ଶୁଣି ଦୁଇ ଭାଇଙ୍କ ଆଖି ଛଳ ଛଳ ହୋଇସାରିଥିଲା ।

ଗୌରୀଶଙ୍କର ବାବୁ ପୁଣି କହିଲେ, "ଦେଖ ଏ କାଚ ଗ୍ଲାସରେ ଥିବା ପଣାକୁ ! କେତେ ପ୍ରକାର ଜିନିଷ ପଡ଼ିଲା ପରେ ହିଁ ଏ ପଣା ହୋଇଛି । ସବୁ ସାମଗ୍ରୀ ମିଶିଲେ ହିଁ ଏହା ସ୍ୱାଦିଷ୍ଟ ଲାଗେ । ଜୀବନଟା ବି ଠିକ୍ ଏଇ ପଣା ଭଳି । ସମସ୍ତଙ୍କର କିଛି ନାଁ କିଛି ଭଲ ଗୁଣ ଆଉ ଖରାପ ଗୁଣ ରହିଛି, କିନ୍ତୁ ସମସ୍ତେ ସାଙ୍ଗ ହୋଇ ରହିଲେ ହସ ଖୁସିରେ ଜୀବନ ବିତି ଯାଏ । ଆଉ ଜୀବନ ସୁଖଦ ମଧ୍ୟ ହୋଇଥାଏ । ମୋ କଥା ମୁଁ କହିଲି ଏଥର ତୁମେ ଦୁଇ ଭାଇ କୁହ ତୁମେମାନେ କ'ଣ ଚାହୁଁଛ?"

ବାପାଙ୍କ କଥା ଶୁଣି ସାରିବା ପରେ ଦୁଇ ଭାଇ ଛଳଛଳ ଆଖିରେ ପରସ୍ପର ମୁହଁକୁ କିଛି ସମୟ ଚାହିଁ ରହିଲେ । ଆଉ କିଛି ସମୟର ନୀରବତା ପରେ ବଡ଼ ଭାଇ ତ୍ରିଲୋଚନଙ୍କ ପାଖକୁ ଧାଇଁ ଯାଇଥିଲେ ରଜତ ଆଉ ଯୋରରେ ପରସ୍ପରକୁ ଜାବୁଡ଼ି ଧରି ଦୁଇ ଭାଇ ଭେଁ ଭେଁ ହୋଇ କାନ୍ଦୁଥିଲେ ।

ଶୁଭପଲ୍ଲବ
Listen Thme Song of
Shubhapallaba
on YouTube & Facebook



ଅତ୍ୟଧିକ ଗରମରେ ଶରୀରକୁ ସୁସ୍ଥ ରଖିବା ପାଇଁ ଆଦିମ କାଳରୁ ମଣିଷ ବିଭିନ୍ନ ଖାଦ୍ୟ ଶସ୍ୟର ପ୍ରୟୋଗ କରି ଆସୁଛି । ମାଣ୍ଡିଆ ଏକ ଶସ୍ୟ ଯାହା ଓଡ଼ିଶାରେ ପ୍ରାଚୀନ କାଳରୁ ଅମଳ କରାଯାଏ । ଶରୀରକୁ ଥଣ୍ଡା ରଖିବା ସହିତ ଏହାର ଅନେକ ଔଷଧୀୟ ଗୁଣ ଅଛି । ସେଥିପାଇଁ ଏହାକୁ ଖରାଦିନେ, ପଶ୍ଚିମ ଓଡ଼ିଶାରେ ଜାଉ ତିଆରି କରିକି ଖାଇଥାନ୍ତି । ଆସନ୍ତୁ ଜାଣିବା ଏଠି ଏକ ପଶ୍ଚିମ ଓଡ଼ିଶାର ବହୁତ ପୁରୁଣା ମାଣ୍ଡିଆ ଜାଉର ପ୍ରସ୍ତୁତି ପ୍ରଣାଳୀ ।

ଆବଶ୍ୟକୀୟ ଉପାଦନ:

୧. ମାଣ୍ଡିଆ - ୧୦୦ ଗ୍ରାମ
୨. ପାଣି - ୨ ଗ୍ଲାସ
୩. ଚିନି - ସ୍ୱାଦ ଅନୁସାରେ

ପ୍ରସ୍ତୁତି ପ୍ରଣାଳୀ:

୧. ମାଣ୍ଡିଆକୁ ଭଲ ଭାବରେ ଧୋଇ, ଛାଣି ଦିଅନ୍ତୁ ।
୨. ଧୁଆ ମାଣ୍ଡିଆକୁ ଗ୍ରାଇଣ୍ଡରରେ ଟିକେ ପାଣି ମିଶାଇ ଗ୍ରାଇଣ୍ଡିଙ୍ଗ୍ କରି ଦିଅନ୍ତୁ ।

୩. ସେହି ବଟା ମାଣ୍ଡିଆରେ ୨ ଗ୍ଲାସ ପାଣି ମିଶାଇ ଗୋଟେ ଛଣାରେ ଛାଣି ନିଅନ୍ତୁ, ଯାହା ଦ୍ୱାରା ଚୋପା ଛାଣି ହେଇଯିବ ଏବଂ ମାଣ୍ଡିଆର ରସ ରହିଯିବ । ଏହା ଖୀର ପରି ତରଳ ହେବା ଆବଶ୍ୟକ ।

୪. ଗୋଟେ କଢ଼େଇରେ ମାଣ୍ଡିଆ ରସକୁ ଢାଳି ଚୂଲା ଜଳାନ୍ତୁ । ଏଥିରେ ଚିନି ମିଶାନ୍ତୁ ।

୫. ଏହାକୁ ନିୟମିତ ଭାବରେ ଘାଣ୍ଟନ୍ତୁ । ଧୀରେ ଧୀରେ ଏହା ବହଳିଆ ହେଇଯିବ ।

୬. ବହଳ ହେଇଗଲାପରେ, ଚୂଲା ବନ୍ଦ କରି ଦିଅନ୍ତୁ ।

୭. ଏହାକୁ ପ୍ଲେଟରେ ବାଢ଼ି, ଫ୍ରିଜରେ ଥଣ୍ଡା ହେବାପାଇଁ ରଖି ଦିଅନ୍ତୁ । ନହେଲେ ଏମିତି ବାହାରେ ରଖି ଥଣ୍ଡା ହେଲାପରେ ଖାଇବା ପାଇଁ ପରସି ପାରନ୍ତି ।

ଏହା ଛୋଟ ଛୁଆମାନଙ୍କ ପାଇଁ ଅତ୍ୟଧିକ ଉପଯୋଗୀ । ଏହାକୁ ଥରେ ଘରେ ପ୍ରସ୍ତୁତ କରି ଦେଖନ୍ତୁ, କେମିତି ଲାଗିଲା ମତେ ଜଣାନ୍ତୁ, ମୋର ଇନ୍‌ଷ୍ଟାଗ୍ରାମ୍ ହେଣ୍ଡେଲ୍ @seetayabhoi1ରେ । ଏମିତି ଆହୁରି ଆମର ପାରମ୍ପରିକ ଖାଦ୍ୟ ପ୍ରଣାଳୀ ଜାଣିବା ପାଇଁ ମୋତେ ଫଲୋ କରନ୍ତୁ ।

ଧନ୍ୟବାଦ

VISIT WEBSITE

My Photography

Visit My Photgraphy Website:
www.gapuphotography.com

Visit My Photography FaceBook Page:
http://facebook.com/gapuphotography/

Join My Photography Club:
https://www.facebook.com/groups/GapuPhotography/



କିଛି ଅନୁଭୂତି ସୁଇଜରଲାଣ୍ଡରୁ

ଡକ୍ଟର ଶାନ୍ତିପ୍ରିୟ ପରିଡ଼ା

ଏହା ଭିତରେ ସୁଇଜରଲାଣ୍ଡ ଆସିବା ପ୍ରାୟ ଏକ ବର୍ଷରୁ ଅଧିକ ସମୟ ହୋଇ ଗଲାଣି । ବ୍ୟସ୍ତ ବହୁଳ ଜୀବନରୁ ଯେବେବି ସମୟ ମିଳେ ପ୍ରାୟ ଆମେ ପରିବାର ସହ କୌଣସି ନା କୌଣସି ଜାଗାକୁ ବୁଲିବାକୁ ଚାଲିଯାଉ । ମନ ଟିକେ ହାଲକା ଲାଗେ ଓ ପରିବାର ସହ ସମୟ କାଟିବାର ଅବସର ବି ମିଳିଯାଏ । କିନ୍ତୁ ଏ ବର୍ଷ ମାର୍ଚ୍ଚ ମାସରୁ ବହୁତ କିଛି ବଦଳି ଯାଇଥିଲା । ଏହି ବର୍ଷ ଫେବୃଆରୀ ମାସରେ ଯେତେବେଳେ ସବୁ କିଛି ସାମାନ୍ୟ ଥିଲା ପ୍ରାୟ ସମସ୍ତେ ବରଫ ଉପରେ ଖେଳା ଯାଉଥିବା ଖେଳ ସବୁ ଖେଳିବାକୁ ଏଠିକାର ପର୍ବତ ଉପରକୁ ଯାଉଥିଲେ । ଯେହେତୁ ଏସବୁ ଖେଳ ଖେଳିବାକୁ ଯଥେଷ୍ଟ ମାତ୍ରାରେ ବରଫ ଦରକାର ଓ ବର୍ଷର କିଛି ମାସରେ ହିଁ ଏତେ ମାତ୍ରାରେ ବରଫ ଉପଲବ୍ଧ ହୋଇଥାଏ ତେଣୁ କେହି ଏହାକୁ ହାତଛଡ଼ା କରିବାକୁ ଚାହାନ୍ତି ନାହିଁ । ଏସବୁ ଖେଳରେ ବ୍ୟବହୃତ ସାମଗ୍ରୀ ସବୁ ପ୍ରାୟତଃ ଲୋକମାନେ କିଣିକି ରଖିଥାନ୍ତି ନହେଲେ ଜଣେ ଚାହିଁଲେ ଭଡ଼ାରେ ମଧ୍ୟ ଏସବୁ ଆଣିପାରିବ ନ ହେଲେ ପର୍ବତ ଉପରେ ଥିବା ରିସୋର୍ଟରୁ ମଧ୍ୟ ନେଇ ବ୍ୟବହାର କରି ପାରିବ । ସେମିତି ଏକ ଛୁଟି ଦିନ ଦେଖି ଆମେ ମାର୍ଟିନି ପାଖରେ ନେନ୍ଦାଜ **(Nendaz)** ନାମକ ସ୍ଥାନକୁ ବୁଲିବାକୁ ବାହାରିଲୁ । ଆମ ଅଫିସର କିଛି ସହକର୍ମୀ ଏହି ସ୍ଥାନକୁ ବୁଲି ଯିବାକୁ ପରାମର୍ଶ ଦେଇଥିଲେ ।

ମାର୍ଟିନିରୁ ବାହାରି ଆମେ ଟ୍ରେନରେ ସିଅନ୍ (Sion) ନାମକ ସହରକୁ ଗଲୁ । ଟ୍ରେନରୁ ଓହ୍ଲାଇବା ପରେ ଆମେ ବସଷ୍ଟାଣ୍ଡକୁ ଗଲୁ । ବସଷ୍ଟାଣ୍ଡରୁ କିଛି ଖାଦ୍ୟ ସାମଗ୍ରୀ କିଣି ସେଠୁ ବସରେ ବସି ନେନ୍ଦାଜ ଅଭିମୁଖେ ଯାତ୍ରା ଆରମ୍ଭ କଲୁ । ବସର ପ୍ରାୟ ଯାତ୍ରୀ ବରଫରେ ଖେଳିବାକୁ ନିଜ ନିଜ ସାମଗ୍ରୀ ସହ ଆସିଥାନ୍ତି । ବସଟି ଧୀରେ ଧୀରେ ପାହାଡ଼ ଉପରକୁ ଉପରକୁ ଉଠିବାକୁ ଲାଗିଲା । ନେନ୍ଦାଜ, ସୁଇଜରଲାଣ୍ଡରେ ଅବସ୍ଥିତ ପ୍ରମୁଖ ସ୍କି ରିସର୍ଟ (Ski Resort) ମଧ୍ୟରୁ ଅନ୍ୟତମ । ଏଠାରେ ଥିବା ସ୍କି ବିଦ୍ୟାଳୟରେ ସ୍କି ଓ ବରଫରେ ଖେଳା ଯାଉଥିବା ଖେଳ ଶିଖିବାକୁ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଆସି ରହିଥାନ୍ତି । ବସଟି କିଛି ସମୟ ଗଲାପରେ ଶେଷରେ ନେନ୍ଦାଜ ପଞ୍ଚି ଯାଇଥିଲା । ସେଠୁ ଉପରକୁ ଯିବାକୁ କେବଲ୍ କାର୍‌ରେ (Cable Car) ଆମେ ଟିକେଟ୍ କଲୁ । ପାହାଡ଼ ଉପରକୁ ଚଢୁଥିବା କେବଲ୍ କାର୍‌ସବୁ ଦେଖି ପ୍ରଥମେ ମୋ ମନରେ ଟିକେ ଭୟ ସଞ୍ଚାର ହୋଇଥିଲା । କିନ୍ତୁ ବରଫରେ ଭର୍ତ୍ତି ପାହାଡ଼କୁ ଏତେ ପାଖରେ ଦେଖି ଓ ଲୋକମାନଙ୍କ ଉତ୍ସାହ ଦେଖି ଆଉ କିଛି ନ ଭାବି ଆମେ କେବୁଲ୍ କାର୍ ଭିତରେ ପ୍ରବେଶ କଲୁ । କେବୁଲ୍ କାର୍‌ଟି ଧୀରେ ଧୀରେ ଉପରକୁ ଉଠିଲା ବେଳେ ମୋର ଆଉ ତଳକୁ ଦେଖିବାର ସାହସ ନ ଥିଲା । ପାହାଡ଼ର ଶୀର୍ଷ ଭାଗରେ ଥିବା ମୋଣ୍ଟ ଫୋର୍ଟର (Mont Fort) ଉଚ୍ଚତା ପ୍ରାୟ ୩୩୩୦ ମିଟର ହେବ । ପାହାଡ଼ ଉପରେ ପହଞ୍ଚିଲା ପରେ ଏକ ଭିନ୍ନ ଅନୁଭୂତି ହେଲା । ଚାରିଆଡ଼େ ଖାଲି ବରଫ ଓ ତା' ଉପରେ ଖରା ପଡ଼ି ଚକମକ କରୁଥାଏ । ସମସ୍ତେ ଆଣିଥିବା ଖେଳ ସାମଗ୍ରୀ ବାହାର କରି ନିଜେ ନିଜେ ପ୍ରସ୍ତୁତ ହୋଇ ସ୍କି ଓ ଅନ୍ୟାନ୍ୟ ଖେଳ ଖେଳିବା ଆରମ୍ଭ କରି ଦେଇଥିଲେ । ଆମେ ଚାରିପଟ ପାହାଡ଼କୁ ଦେଖି ସାରିବା ପରେ କିଛି ଫୋଟୋ ଉଠାଇଲୁ । ତା' ପରେ ଗୋଟେ ଜାଗାରେ ବସି ନେଇଥିବା ଖାଦ୍ୟ ଖାଇବାରେ ଲାଗିଲୁ । ଖାଇ ସାରି କାଠର ଗୋଟେ ବେଞ୍ଚ ଉପରେ ବସି ମନଭରି ଜାଗାକୁ ଉପଭୋଗ କରିବାକୁ ଲାଗିଲୁ । ପାହାଡ଼ ଶୀର୍ଷରୁ ଦେଖିଲେ ଅନ୍ୟ ସବୁ ବରଫ ପାହାଡ଼ ଅତି ସୁନ୍ଦର ଦେଖା ଯାଉଥିଲା । ସେଠାରେ ବସି ବହୁ ସମୟ ଅତିବାହିତ କରି ଶେଷରେ ପୁଣି କେବଲ୍ କାର୍‌ରେ ବସି ଫେରିବାକୁ ଲାଗିଲୁ ଯଦିଓ ଏଥର ଟିକେ କମ ଭୟ ଲାଗୁଥିଲା । ତଳକୁ ଆସି କିଛି ସମୟ ଅପେକ୍ଷା କଲାପରେ ବସ୍ ଆସିଲା ଓ ଆମେ ପୁଣି ସିଅନ୍ ଅଭିମୁଖେ ଯାତ୍ରା କଲୁ ଓ ସେଠାରୁ ଟ୍ରେନରେ ପୁଣି ମାର୍ଟିନି ଫେରି ଆସିଲୁ

। ନେନ୍ଦାଜର ଯାତ୍ରା ଦୂରରୁ ଦେଖା ଯାଉଥିବା ବରଫ ପାହାଡ଼କୁ ଅତି ନିକଟରେ ଦେଖିବାର ଏକ ନିଆରା ଅନୁଭୂତି ଥିଲା ।



ଚିତ୍ର ୧ : ନେନ୍ଦାଜ ପର୍ବତ ଉପତ୍ୟକା

ଯଦିଓ ତା'ପରେ ପୁଣି କିଛି ନୂଆ ଜାଗା ବୁଲିବାର ଯୋଜନା ହୋଇଥିଲା କିନ୍ତୁ ମାର୍ଚ୍ଚ ମାସରୁ ଏଠିକାର ପରିସ୍ଥିତିରେ ପରିବର୍ତ୍ତନ ଆସିଯାଇଥିଲା । ସୁଇଜରଲାଣ୍ଡର ସୀମା ଇଟାଲୀ ସହ ଲାଗି ଥିବାରୁ ଏଠିକାର ପରିସ୍ଥିତି ମଧ୍ୟ ଖରାପ ହେବାକୁ ଲାଗିଥିଲା । ଯଦିଓ ଏଠାକାର ସରକାର ଓ ଲୋକମାନେ ପରିସ୍ଥିତିର ଗୁରୁତ୍ୱକୁ ବୁଝି ସତର୍କ ହୋଇ ଯାଇଥିଲେ ଓ ବହୁ ପଦକ୍ଷେପ ନେଇଥିଲେ ଯାହାର କିଛିଟା ସୁଫଳ ଏବେ ଦେଖିବାକୁ ମିଳୁଛି । ଭାରତ ଭଳି ସମ୍ପୂର୍ଣ୍ଣ ବନ୍ଦ ଏଠାରେ ହୋଇ ନଥିଲେ ମଧ୍ୟ ଜରୁରୀ ସାମଗ୍ରୀକୁ ଛାଡ଼ି ବାକି ସବୁ ଦୋକାନ ବନ୍ଦ କରି ଦିଅଯାଇଛି । ଶିକ୍ଷାନୁଷ୍ଠାନ ସବୁ ବନ୍ଦ କରି ଦିଆଯାଇଛି । ଅଫିସ ବନ୍ଦ ନ ହେଲେ ମଧ୍ୟ ଘରୁ ରହି କାମ କରିବାର ବିକଳ୍ପ ବ୍ୟବସ୍ଥା ଦିଆଯାଇଛି । ଆମର ଏକ ଗବେଷଣା ଅନୁଷ୍ଠାନ ହୋଇଥିବାରୁ ପ୍ରାୟତଃ ସମସ୍ତେ ଘରେ ରହି କାମ କରୁଛନ୍ତି । ଯେହେତୁ ଅଫିସ ସମ୍ପୂର୍ଣ୍ଣ ବନ୍ଦ ହୋଇ ନାହିଁ କିନ୍ତୁ ଅଫିସରେ ହାତ ଗଣତି ଲୋକଙ୍କୁ ଦେଖିବାକୁ ମିଳୁଛି । ପ୍ରାୟ ପ୍ରତିଦିନ ସଫାସଫି ଜାରି ରହିଛି । ଏପରି ସମୟରେ ମଧ୍ୟ

ନୂଆ କରି ଆସିଥିବା ଜଣେ ରକ୍ଷଣାବେକ୍ଷଣ କର୍ମଚାରୀ, ଯାହାଙ୍କ ବୟସ ପ୍ରାୟ ୫୦ ପାଖାପାଖି ହେବ, ଯେଉଁ ନିଷ୍ଠାର ସହ ନିଜ କାମ କରୁଛନ୍ତି ତାହା ମୋତେ ଅଭିଭୂତ କରି ଦେଇଛି । ପ୍ରାୟ ସମୟରେ ସକାଳୁ ସକାଳୁ ଆମେ ଦୁହେଁ ମୁଁହାମୁଁହି ହୋଇଗଲେ ପରସ୍ପରକୁ ଫ୍ରେଞ୍ଚରେ ବୋନଜୁ (Bonjour) କହି ପୁଣି ନିଜ ନିଜ କାମରେ ଆଗେଇଯାଉ । ଯଦିଓ ସହକର୍ମୀମାନେ ପ୍ରାୟ ସମୟରେ ଭର୍ଚୁଆଲ୍ ମିଟିଂରେ (Virtual Meeting) ଦେଖା ହେଉଛନ୍ତି କିନ୍ତୁ ପରସ୍ପର ସହ ମିଶି କଫି ପିଇ ଆଲୋଚନା କରିବାର ମଜା ଆଉ ହୋଇ ପାରୁନି ।

ମାର୍ଟିନିରେ ଏ ଭିତରେ ଶୀତ ଦିନ ଯାଇ ବସନ୍ତର ଆଗମନ ହୋଇଗଲାଣି । ଅବଶ୍ୟ ଏ ବର୍ଷ ଶୀତ ଦିନେ ଏଠିକାର କିଛିଟା ଫୋଟ ଉଠାଇବାର ସୁଯୋଗ ମିଳିଥିଲା । ଶୀତଦିନେ ଯେବେ ତୁଷାରପାତ ହୁଏ ଏଠିକାର ଖୋଲା ପଡ଼ିଆରେ ବରଫ ଜମା ହୋଇ ଧଳାର ଗାଲିଚା ଭଳି ଦେଖାଯାଏ ଓ ତା' ମଧ୍ୟରେ ଥିବା ଥୁଣ୍ଟା ଗଛ ସବୁ ଏକ ହିମ ମରୁଭୂମି (Cold Desert) ଭଳି ଦୃଶ୍ୟମାନ ହୁଏ ଯାହା ଦେଖିଲେ ହିଁ ଅନୁଭବ କରିହେବ ।



ଚିତ୍ର ୨ : ଶୀତ ଦିନେ ମାର୍ଟିନିର ଦୃଶ୍ୟ

ବସନ୍ତର ଆଗମନରେ ଏଠାକାର ପରିବେଶ ବହୁତ ବଦଳି ଗଲାଣି । ଧୀରେ ଧୀରେ ପକ୍ଷୀମାନଙ୍କ ମଧୁର ସ୍ୱର ଶୁଣିବାକୁ ମିଳୁଛି ଓ ବିଭିନ୍ନ ପ୍ରଜାତିର ପକ୍ଷୀ ମଧ୍ୟ ଦେଖିବାକୁ ମିଳୁଛନ୍ତି । ପତ୍ରଝଡ଼ା ଗଛମାନଙ୍କରେ ପୁଣି ନୂଆ ପତ୍ର କଅଁଳିଲାଣି । ବରଫର ଧଳା ଚାଦରରେ ଢାଙ୍କି ହୋଇଥିବା ପାହାଡ଼ ସବୁ ପୁଣି ସବୁଜ ଦେଖା ଗଲାଣି ।

ଏହି ସମୟରେ ସ୍ଥାନୀୟ ପ୍ରଶାସନ ମାର୍ଟିନିର ଚାରିଆଡ଼େ ଖୁବ ସୁନ୍ଦର ଫୁଲ ଗଛ ସବୁ ଲଗାଇବା ଆରମ୍ଭ କରି ଦେଲେଣି ଯାହା ଏଠିକାର ସୌନ୍ଦର୍ଯ୍ୟକୁ ବହୁ ଗୁଣରେ ବଢ଼ାଇ ଦେଇଛି । ଏସବୁ ଫୁଲ ଗଛ ମଧ୍ୟରେ ଟୁଲିପ୍ (Tulip) ଫୁଲ ଦେଖିବାକୁ ବହୁତ ସୁନ୍ଦର ଲାଗେ । ନିର୍ଜନ ରାସ୍ତାରେ ଏକୁଟିଆ ଘରୁ ଅଫିସକୁ ଚାଲି ଚାଲି ଗଲାବେଳେ ରାସ୍ତା କଡ଼ରେ ଲଗା ଯାଇଥିବା ଏହି ଫୁଲକୁ ଦେଖି ମୁଁ ପ୍ରାୟ କିଛି ସମୟ ରହିଯାଏ । ବହୁବାର ଏହାର ଫୋଟ ମଧ୍ୟ ନେଇଛି । କିନ୍ତୁ ଏବର୍ଷ ପରିସ୍ଥିତି ଟିକେ ଅଲଗା ହୋଇ ଯାଇଛି । ରାସ୍ତାରେ ବହୁତ କମ ଲୋକଙ୍କୁ ଦେଖିବାକୁ ମିଳୁଛନ୍ତି । ସମସ୍ତଙ୍କ ମୁଁହରେ ଏକ ଅଜଣା ଆଶଙ୍କା ସ୍ପଷ୍ଟ ବାରି ହୋଇ ପଡୁଛି । ଏବେକାର ପରିସ୍ଥିତିରେ କିଛି ସମୟ ଠିଆ ହୋଇ ଏସବୁ ସୌନ୍ଦର୍ଯ୍ୟକୁ ଦେଖିବାକୁ କେହି ନାହାନ୍ତି ।



ଚିତ୍ର ୩ : ମାର୍ଟିନି ରାସ୍ତାକଡ଼ରେ ଲଗାଯାଇଥିବା ଟୁଲିପ ଫୁଲ ଗଛ

ଏପ୍ରିଲ ମାସ ସରି ଆସିଲା ବେଳକୁ ଧୀରେ ଧୀରେ ମାର୍ଟିନି ପରିସ୍ଥିତିରେ କିଛିଟା ସୁଧାର ଆସିଲାଣି । ବହୁତ ଦିନ ହେବ ବନ୍ଦଥିବା ଗୁରୁବାର ହାଟ ପୁଣି ଖୋଲିଲାଣି । ଅବଶ୍ୟ ବହୁତ କମ ଲୋକ ଆସୁଛନ୍ତି ଓ ସମସ୍ତେ ଯଥେଷ୍ଟ ସତର୍କତା ଅବଲମ୍ବନ କରୁଛନ୍ତି । ବହୁତ ଦିନ ବନ୍ଦ ଥିବା ଦୋକାନ ମଧ୍ୟରୁ କିଛିଟା ଖୋଲିବାର ପ୍ରସ୍ତୁତି ଆରମ୍ଭ କଲେଣି । କିଛି ଦିନ ପରେ ସବୁକିଛି ଧୀରେ ଧୀରେ ସାମାନ୍ୟ ହୋଇଯିବ ବୋଲି ଲୋକମାନେ କହୁଛନ୍ତି । ଅବଶ୍ୟ ଏସବୁ ଏବେଠୁ କହିବା ଟିକେ କଷ୍ଟ । ଏଠିକାର ସରକାର ବହୁ ଉତ୍ତମ ପଦକ୍ଷେପ ନେଇଛନ୍ତି ଓ ଲୋକମାନଙ୍କର ନିଜ ସରକାର ଉପରେ ଯଥେଷ୍ଟ ବିଶ୍ୱାସ ଅଛି । ସରକାର ଦେଉଥିବା ସବୁ ପରାମର୍ଶକୁ ସମସ୍ତେ ପାଳୁଛନ୍ତି । କିନ୍ତୁ ପୁରା ବିଶ୍ୱର ସାମ୍ପ୍ରତିକ ଅବସ୍ଥାକୁ ଦେଖିଲେ ଲାଗୁଛି ଯେମିତି ଏକ ଅଦୃଶ୍ୟ ଶକ୍ତି ସବୁ ନିୟନ୍ତ୍ରଣ କରୁଛି । ମନୁଷ୍ୟର ସବୁ ଜ୍ଞାନ, ବୁଦ୍ଧି ତା' ନିଜ ଅସ୍ତିତ୍ୱ ବଞ୍ଚାଇବାରେ ଲାଗିଛି । ଲାଗୁଛି ଯେପରି ମଣିଷଙ୍କୁ ନିଜର ଶ୍ରେଷ୍ଠତା ପ୍ରତିପାଦନର ଭ୍ରମ ଛାଡ଼ି ପ୍ରକୃତି ସହ ସନ୍ତୁଳନ ରଖି ଚାଲିବାର ଏକ ଅଲିଖିତ ଚେତାବନୀ ମିଳିଛି ।



ଚିତ୍ର ୪ : ମାର୍ଟିନିର ନିର୍ଜନ ରାସ୍ତା

ଏସବୁ ଭିତରେ କର୍ମମୟ ଜୀବନ ଆଗ ଭଳି ଚାଲିଛି । କାମରେ ବ୍ୟସ୍ତ ରହି ସମୟ ଅତିବାହିତ ହୋଇ ଯାଉଛି । ଦୈନନ୍ଦିନ ଜୀବନରେ ଆଗ ଅପେକ୍ଷା କିଛିଟା ପରିବର୍ତ୍ତନ ବି ଆସିଛି ଯେପରି କିଛି ନୂଆ ଜିନିଷ ଶିଖିବା, ପରିବାର ସହ ବେଶୀ ସମୟ ବିତେଇବା, ନିଜ ଆଗ୍ରହ ମୁତାବକ କାମ କରିବା, ପୁରୁଣା ସାଙ୍ଗମାନଙ୍କର ନିକଟତର ହେବା ଇତ୍ୟାଦି ଓ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅନ୍ୟମାନଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେବା ।

ଦୈନନ୍ଦିନ ଜୀବନରେ କୌଣସି କାମରେ ଘରୁ ବାହାରି ମାର୍ଟିନିର ନିର୍ଜନ ରାସ୍ତାରେ ଏକୁଟିଆ ଗଲାବେଳେ ଲାଗେ ଯେମିତି ପୁଣି କିଛି ଦିନ ପରେ ଏ ସବୁ ରାସ୍ତା ଘାଟ ଆଗଭଳି ଗାଡ଼ି, ମୋଟର, ଓ ଲୋକମାନଙ୍କ କୋଳାହଳରେ ଭରିଯିବ ଓ ଛାଇ ହୋଇଥିବା ନିର୍ଜନତା ସେ ଭିତରେ ହଜିଯିବ ।



ଏବେ ସବୁକିଛି ଇଣ୍ଟରନେଟ ମାଧ୍ୟମରେ ବଢ଼ିବାରେ ଲାଗିଛି । ତେଣୁ ବ୍ୟବସାୟକୁ ମଧ୍ୟ ଇଣ୍ଟରନେଟ ଜରିଆରେ ଅଧିକ ଲୋକମାନଙ୍କ ପାଖରେ ପହଞ୍ଚାନ୍ତୁ । କୌଣସି ମାଧ୍ୟମରେ ବିଜ୍ଞାପନ ଦେବାକୁ ହେଲେ ଆପଣଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ । କିନ୍ତୁ ସିଧାସଳଖ ବିଜ୍ଞାପନରେ ମଧ୍ୟସ୍ଥିର କମିଶନ ବଞ୍ଚିଯାଏ ।

ଆମ ପତ୍ରିକାରେ କିମ୍ବା ୱେବସାଇଟ୍‌ରେ ବିଜ୍ଞାପନ ଦେବାପାଇଁ ଆମ ସହ ଯୋଗାଯୋଗ କରନ୍ତୁ । ଇ-ମେଲ୍: shubhapallaba@gmail.com କିମ୍ବା +91 7008899643ରେ ଆମ ସହ ସିଧାସଳଖ ଯୋଗାଯୋଗ କରି କଥାବାର୍ତ୍ତା କରିପାରିବେ ।

ଶୁଭପଲ୍ଲବ ପ୍ରତି ଆପଣମାନଙ୍କର ଥିବା ଭଲ ପାଇବା ହିଁ ଆମ ପାଇଁ ପ୍ରେରଣା । ଆପଣାମାନଙ୍କର ପରାମର୍ଶରେ ଆରମ୍ଭ ହୋଇଥିଲା ଏହାର ଅଡ଼ିଓ ରେକର୍ଡ଼ିଂ କାର୍ଯ୍ୟ ଏବଂ ସଭିଙ୍କର ସହଯୋଗ ଫଳରେ ଆଜି ପୂର୍ବ ପ୍ରକାଶିତ ଲେଖାଗୁଡ଼ିକର ଅଡ଼ିଓ ଏବେ ଇଣ୍ଟରନେଟରେ ଖୋଲା ଭାବେ ଉପଲବ୍ଧ । ପୂର୍ବଥର ଭଳି ଏଥର ମଧ୍ୟ କିଛି ଭିନ୍ନ କରିବାର ପ୍ରଚେଷ୍ଟା କରିଛୁ ।

ଆପଣମାନଙ୍କର ଏହିଭଳି ଭଲପାଇବା ଆଶା କରୁଛୁ ଏହି ସଂସ୍କରଣ ପାଇଁ ଏବଂ ଅଡ଼ିଓ ରେକର୍ଡ଼ିଂ କାର୍ଯ୍ୟରେ ଆପଣମାନଙ୍କର ସହଯୋଗ ମଧ୍ୟ କାମନା କରୁଛୁ । ୟୁ-ଟ୍ୟୁବ୍‌ରେ ଅଡ଼ିଓ ଆସିବା ପରେ ଗପ ଶୁଣିବାକୁ ରୁଚି ରଖୁଥିବା କିମ୍ବା ଓଡ଼ିଆ ଲିପି ଭଲ ଭାବରେ ପଢ଼ିପାରୁନଥିବା ବନ୍ଧୁମାନଙ୍କ ସହ ସେୟାର କରିବାକୁ ଅନୁରୋଧ କରୁଛୁ । ଏଥିସହ ଯଦି କୌଣସି ଲେଖାର ରେକର୍ଡ଼ିଂ ଆପଣ ନିଜେ କରିବାକୁ ଚାହୁଁଥିବେ, ତେବେ ମୋବାଇଲେ ରେକର୍ଡ଼ିଂ କରି ଆମକୁ ଇ-ମେଲ୍ ମାଧ୍ୟମରେ ପଠାଇପାରିବେ ।

ସର୍ବୋପରି ଏହି ସଂସ୍କରଣର ପ୍ରକାଶିତ ଲେଖା ତଥା ପତ୍ରିକା ବିଷୟରେ ମତାମତ ଦେବାକୁ ଅନୁରୋଧ କରୁଛୁ । ଆମର ୱେବ୍‌ସାଇଟ୍‌ରେ ଲେଖା ପ୍ରକାଶ କରିବାକୁ ଇଚ୍ଛୁକ ଲେଖ୍‌କ/ଲେଖ୍‌କାମାନେ ଆମକୁ ଇ-ମେଲ୍ ଜରିଆରେ ପଠାଇପାରିବେ । ମେଲ୍ କରିବା ସମୟରେ ଠିକଣାର ବନାନକୁ ଧ୍ୟାନରେ ରଖି Text ଆକାରରେ ଲେଖି ସାଙ୍ଗରେ ଗୋଟିଏ ଫଟୋ ପଠାଇବାକୁ ଅନୁରୋଧ ।

ଇ-ମେଲ୍: shubhapallaba@gmail.com

ୟୁ-ଟ୍ୟୁବ୍: http://youtube.com/Shubhapallaba

ସୋସିଆଲ ମିଡ଼ିଆ: Facebook, twitter, Insta/@Shubhapallaba

ୱେବ୍‌ସାଇଟ୍: http://shubhapallaba.in

WhatsApp: +91 7008899643

©Shubhapallaba